# ଏସ୍‌ପିଙ୍କ ଅଫିସ ଆଗରେ ବିଜେଡି ନେତ୍ରୀଙ୍କ ଆତ୍ମାହୂତି ଉଦ୍ୟମ

- ମିଥ୍ୟା ମାମଲାରେ ପୁଅଙ୍କୁ ଫସାଇବା ପ୍ରତିବାଦ
- ପୋଡ଼ିଯାଇଛି ଶରୀରର ୯୦ ପ୍ରତିଶତ
- ଗୁରୁତର ଅବସ୍ଥାରେ ଏସ୍‌ସିବି ସ୍ଥାନାନ୍ତର
- ମେଡିକାଲରେ ନିଆଯାଇଛି ମୃତ୍ୟୁକାଳୀନ ଜମାନବନ୍ଦୀ


ମୀନାକ୍ଷୀ ମିଶ୍ର

ବ୍ରହ୍ମପୁର ଅଫିସ,୧୨।୨

ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟା ମୀନାକ୍ଷୀ ମିଶ୍ର ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ପୁଅଙ୍କୁ ଏକ ମିଥ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପ୍ରତିବାଦରେ ସେ ବୁଧବାର ଏସ୍‌ପିଙ୍କୁ ଭେଟିବାକୁ ଯାଇଥିଲେ। ଏସ୍‌ପି କୌଣସି କାମରେ ବ୍ୟସ୍ତ ଥିବାରୁ ତାଙ୍କୁ ମୀନାକ୍ଷୀ ଭେଟି ପାରି ନ ଥିଲେ। ଏଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କଠାରୁ ନ୍ୟାୟ ନ ପାଇବାରୁ ମୀନାକ୍ଷୀ ଏକ ବ୍ୟାଗରେ ଧରିଥିବା କିରୋସିନ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ତାଙ୍କ ଶରୀରର ପ୍ରାୟ ୯୦ ଭାଗ ପୋଡିଯାଇଥିବା ଡାକ୍ତର କହିଛନ୍ତି । ସେଠାରେ ଡାକ୍ତର ମୀନାକ୍ଷୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ (ଡାଇଙ୍ଗ ଡିକ୍ଲାରେଶନ) ନେଇଛନ୍ତି। ଏମ୍‌କେସିଜି ମେଡିକାଲରେ ବର୍ନ ୟୁନିଟ ନ ଥିବାରୁ ସଙ୍କଟାପନ୍ନ ଅବସ୍ଥାରେ ମୀନାକ୍ଷୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଅନ୍ୟପଟେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ବଡ ମେଡିକାଲରେ ପହଞ୍ଚି ଡାକ୍ତରଙ୍କଠାରୁ ମୀନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଥିଲେ। ପରେ ଏସ୍‌ପି ଖବରଦାତାଙ୍କୁ କହିଛନ୍ତି, ମୀନାକ୍ଷୀ ବୁଧବାର ମୋ କାର୍ଯ୍ୟାଳୟକୁ ଆସିଥିଲେ। ମୁଁ ଅନ୍ୟ ଏକ କାମରେ ବ୍ୟସ୍ତ ଥିବାରୁ ସେ ଏଏସ୍‌ପିଙ୍କୁ ଭେଟିଥିଲେ। ଏଏସ୍‌ପି ଘଟଣାର ଠିକ ତଦନ୍ତ କରାଯିବ ବୋଲି କହିଥିଲେ। ସେଠାରୁ ଫେରି ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୨୮ ରେ ୧୦ ରୁ ୧୨ ଜଣ ଯୁବକ ମୀନାକ୍ଷୀ ମିଶ୍ରଙ୍କ ବ୍ରହ୍ମପୁରସ୍ଥିତ ପଣ୍ଡା କଲୋନୀ ଘରେ ପଶି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ପୁଅ ରାଜାଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୋଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଜଣେ ନାବାଳକଙ୍କୁ ଧରି ଜେଜେବି(ଜୁଭେନାଇଲ ଜଷ୍ଟିସ୍ ବୋର୍ଡ)କୁ ପଠାଇଥିଲା। ପରେ ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସେପଟେ ରାଜାଙ୍କ ନାମରେ ଅଭିଯୋଗ ହୋଇଥିବାରୁ ତାଙ୍କୁ ମଧ୍ୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରାଜାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ ମାମଲା ରହିଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ସେହିପରି ମୀନାକ୍ଷୀ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ବୈଦ୍ୟନାଥପୁର ଥାନାରେ ତାଙ୍କ ବିରୋଧରେ ନଂ.୩୧/୨୦ ଦଫା ୩୦୯ ଆଇପିସିରେ ଏକ ମାମଲା ରୁଜୁ କରାଯାଇଥିବା ଏଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପଟେ ପୋଲିସ କେତେଜଣ ପ୍ରଭାବଶାଳୀ ଲୋକଙ୍କ କଥାରେ ପଡି ମୋ ପୁଅକୁ ମିଥ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ମୀନାକ୍ଷୀ ଗତ ସୋମବାର ଅଭିଯୋଗ ଆଣିଥିଲେ। ଆକ୍ରମଣର ଶିକାର ହୋଇଥିବା ପୁଅ ରାଜାଙ୍କୁ ମୋ ଘରୁ ନେବା ବେଳେ ମୁଁ ଏହାର ପ୍ରତିବାଦ କରିବାରୁ ମୋତେ ମଧ୍ୟ ପୋଲିସ ଧମକଚମକ ଦେଇଥିଲା ବୋଲି ମୀନାକ୍ଷୀ କହିଥିଲେ।

# ୪.୭୭ ଲକ୍ଷ ଟଙ୍କା ଜବତ, ୬ ଗିରଫ


ଜବତ ହୋଇଥିବା ଜାଲ୍ ନୋଟ


ଗିରଫ ଅଭିଯୁକ୍ତଙ୍କ ସହ ପୋଲିସ ଟିମ୍।

- ଯାଜପୁରରେ ଜାଲ୍‌ନୋଟ କାରବାର ଠାବ
- ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଛି ଚେର

ଯାଜପୁର ଅଫିସ/କଳିଙ୍ଗନଗର, (ଡି.ଏନ୍.ଏ.) ୧୨।୨

ଯାଜପୁରରୋଡ଼ ଥାନା ଅନ୍ତର୍ଗତ ଦାନଗଦୀ ହାଟ ନିକଟରୁ ଜାଲ୍ ନୋଟ କାରବାର ଚଳାଇଥିବା ଏକ ଆନ୍ତଃ ରାଜ୍ୟ ର୍ୟାକେଟକୁ ଜିଲା ପୋଲିସ ଠାବ କରିଛି। ଏଥିରେ ୪ଲକ୍ଷ ୭୭ ହଜାର ଟଙ୍କାର ଜାଲନୋଟ ଜବତ ହୋଇଥିବାବେଳେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ଆଇପିସି ଦଫା ୪୮୯(ଏ,ବି,ସି,ଡି,ଇ), ୩୪ରେ ଏକ ମାମଲା (ନଂ. ୫୬/୨୦୨୦) ରୁଜୁ କରି ସେମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ମଙ୍ଗଳପୁର ଥାନା ଅନ୍ତର୍ଗତ ଛଞ୍ଚିଣା ଗ୍ରାମର ଚନ୍ଦ୍ରମଣି ବଳ(୩୫)ଙ୍କ ସମେତ ଦାନଗଦୀ ଗ୍ରାମର ବାପିନା ସେଠୀ(୨୩), ମାନପୁର ଗ୍ରାମର ମନୋଜ ଦାସ(୩୧), ଯାଜପୁରରୋଡ ଥାନା ଧପଙ୍କି ଗ୍ରାମର ତପନ ଜେନା(୨୬), ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଭୁବନ ଗ୍ରାମର ଅଜୟ କୁମାର ସାହୁ(୨୪) ଓ ମାୟାଧର ପାତ୍ର(୬୪)। ଜାଲ ନୋଟ ସହ ଅଭିଯୁକ୍ତଙ୍କ ନିକଟରୁ ଏକ ପ୍ରିଣ୍ଟର, ପେପର କଟର, ମୋବାଇଲ ଫୋନ, ୨ଟି ବାଇକ ଆଦି ଜବତ କରାଯାଇଛି। ଏହି ଜାଲନୋଟ କାରବାରର ଚେର ଦାନଗଦୀରୁ ଢେଙ୍କାନାଳ, ଭଦ୍ରକ, କଟକ ଓ ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଜାଲ୍ ନୋଟ କାରବାର ସମ୍ପର୍କରେ ଦାନଗଦୀ ଫାଣ୍ଡି ଅଧିକାରୀ ଗୋବର୍ଦ୍ଧନ ନାୟକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଯାଜପୁରରୋଡ ଥାନାକୁ ସୂଚିତ କରିଥିଲେ। ଏହାପରେ ଯାଜପୁରରୋଡ ଥାନାଧିକାରୀ ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଦାନଗଦୀ ହାଟରେ ଜାଲ୍‌ନୋଟ କାରବାର ଚଳାଇଥିବା ଚନ୍ଦ୍ରମଣି ଓ ବାପିନାଙ୍କୁ ଜାଲ୍‌ନୋଟ ସହ କାବୁ କରିଥିଲେ। ଚଢାଉ ସମୟରେ ସେମାନେ ୫୦୦ ଟଙ୍କିଆ ଜାଲନୋଟ ଦୋକାନୀଙ୍କଠାରୁ ବଦଳ କରୁଥିଲେ। ଏହାପରେ ମଙ୍ଗଳପୁରସ୍ଥିତ ଚନ୍ଦ୍ରମଣିଙ୍କ ଘରେ ପୋଲିସ ଚଢ଼ାଉ କରି ନୋଟ ଛପା ଯନ୍ତ୍ରପାତି ସହ ୩ଲକ୍ଷ ୬୦ହଜାର ଟଙ୍କାର ଜାଲ ନୋଟ ଜବତ କରିଥିଲେ। ଚନ୍ଦ୍ରମଣିଙ୍କୁ ପଚରାଉଚୁରା କରି ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ଏହାପରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଥିଲା। ସେମାନଙ୍କଠାରୁ ୧ଲକ୍ଷ ୧୭ ହଜାର ଜାଲ୍ ନୋଟ ଜବତ ହୋଇଥିଲା। ୨୦୧୭ରେ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରମଣି ଜାଲନୋଟ କାରବାର ଅଭିଯୋଗରେ କାଳିଆପାଣି ଥାନା ଦ୍ୱାରା ଗିରଫ ହୋଇଥିଲେ। ଜେଲରୁ ମୁକୁଳିବା ପରେ ସେ ପୁଣି ଏହି କାରବାର ଚଳାଇଥିଲେ। ୧ଲକ୍ଷ ଜାଲ୍ ନୋଟ ବଦଳରେ ସେ ୨୫ ହଜାର ଟଙ୍କା ଅସଲି ନୋଟ ଆଣୁଥିଲେ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଏସପି ଚରଣସିଂ ମୀନା ସୂଚନା ଦେଇଛନ୍ତି।

# ଚାଇନା ଫେରନ୍ତା ଯୁବକଙ୍କୁ ଖୋଜୁଛି ସ୍ୱାସ୍ଥ୍ୟ ବିଭାଗ

**ଘାରିଛି କରୋନା ଭୟ**

ରଘୁନାଥପୁର, ୧୨।୨ (ଡି.ଏନ.ଏ.)

ସାରା ବିଶ୍ୱରେ କରୋନା ଭାଇରସ୍‌କୁ ନେଇ ଚିନ୍ତା ଘରିଛି। ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଚାନ୍ଦପୁର ଗାଁର ଚାଇନା ଫେରନ୍ତା ଯୁବକଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଖୋଜାଯାଇଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମଓଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସୁକାନ୍ତ କୁମାର ଦଳାଇ ସଜାଗ ହୋଇ ଉଠିଥିଲେ। ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଜନସ୍ୱାସ୍ଥ୍ୟ ଅଧିକାରୀ ରାନୁ ମହାପାତ୍ର ଓ ମହେଶ୍ୱର ମଲ୍ଲିକ ପ୍ରମୁଖ ଚାନ୍ଦପୁରସ୍ଥିତ ବାସଭବନକୁ ଯାଇ ଚାଇନା ଫେରନ୍ତା ଜଗବନ୍ଧୁ ମହାପାତ୍ରଙ୍କୁ ଖୋଜିଥିଲେ। ତେବେ ଜଗବନ୍ଧୁ ଜାନୁୟାରୀ ୩୦ ରୁ ବମ୍ବେ ପଳାଇଥିବା ଜାଣିବାକୁ ପାଇଥିଲେ। ଡା. ସ୍ୱାଇଁଙ୍କ କହିବା ମୁତାବକ, ଜଗବନ୍ଧୁ ବମ୍ବେର ଏକ କମ୍ପାନୀର ସୁପରଭାଇଜର ଭାବେ କାମ କରନ୍ତି। ଜାନୁୟାରୀ ୮ରେ କମ୍ପାନୀ କାମରେ ଚାଇନା ଯାଇଥିଲେ। ସେଠାରୁ ଜାନୁୟାରୀ ୧୫ରେ ଫେରି ୨୯ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱରରେ ଅବସ୍ଥାନ କରିଥିଲେ। ଉକ୍ତଦିନ ରଘୁନାଥପୁରସ୍ଥିତ ଚାନ୍ଦପୁର ବାସଭବନକୁ ଆସି ଦିନେ ରହିବା ପରେ ୩୦ ତାରିଖରେ ବମ୍ବେ ଚାଲିଯାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ତନାଘନା ପରେ ଅଞ୍ଚଳରେ ଏହାକୁ ନେଇ ଭୟର ବାତାବରଣ ଖେଳିଯାଇଛି। ଜଗବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସମ୍ପର୍କରେ ପଡୋଶୀଙ୍କଠାରୁ ଡା. ସ୍ୱାଇଁ ସୂଚନା ପାଇଥିଲେ। ହେଲେ ବ୍ୟକ୍ତିଗତ ଭାବେ ତାଙ୍କୁ ନ ଦେଖିଲେ କିଛି କହିହେବ ନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦଳେଇ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ସବିଶେଷ ତଥ୍ୟ ବିଭାଗକୁ ଜଣାଇ ଦିଆଯାଇଥିବା ଡା. ଦଳାଇ କହିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜଗବନ୍ଧୁ ଚାଇନାରୁ ଫେରିବା ପରେ ତାଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଛି କି ନାହିଁ, ଏହାଛଡା ସେ ଅବସ୍ଥାନ କରିଥିବା ସ୍ଥାନରେ ସାଧାରଣ ଲୋକଙ୍କ ସହ ମିଶିଥିବା ହେତୁ ପାରିପାର୍ଶ୍ୱିକ ସ୍ଥିତି କିପରି ଅଛି, ସ୍ୱାସ୍ଥ୍ୟ ବିଭାଗ ଅନୁଧ୍ୟାନ କରିବା ଦରକାର।

# ପ୍ରବଳ ଶୀତ ନେଇ ୪ ଜିଲାକୁ ୟେଲୋ ୱାର୍ନିଂ

- ସୋନପୁରରେ ସର୍ବନିମ୍ନ ୭.୪ଡିଗ୍ରୀ
- ୧୫ରୁ ୧୭ ତାରିଖ ମଧ୍ୟରେ ଘନ କୁହୁଡ଼ି

ଭୁବନେଶ୍ୱର, ୧୨।୨ (ବ୍ୟୁରୋ)

ରାଜ୍ୟରେ ପୁଣି ଶୀତର ପ୍ରକୋପ ବଢ଼ିଛି। ବର୍ଷା ଛାଡ଼ିବା ପରେ ତାପମାତ୍ରା ଧୀରେ ଧୀରେ ଖସିବାରେ ଲାଗିଛି। ବୁଧବାର ୬ ସ୍ଥାନରେ ପାରଦ ୧୦ଡିଗ୍ରୀ ତଳେ ରହିଥିଲା। ସୋନପୁରରେ ସର୍ବନିମ୍ନ ୭.୪ ଡିଗ୍ରୀ ତାପମାତ୍ରା ଥିବାବେଳେ ଅନୁଗୋଳ ୮, ବୌଦ୍ଧ ଓ ଫୁଲବାଣୀ ୯, ଟିଟିଲାଗଡ଼ ୯.୧ ଓ କେନ୍ଦୁଝର ୯.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଏହାଛଡ଼ା ଦାରିଙ୍ଗବାଡ଼ି ୧୦, ଝାରସୁଗୁଡ଼ା ଓ ସମ୍ବଲପୁରରେ ୧୦.୪ ଡିଗ୍ରୀ ତାପମାତ୍ରା ରହିଥିଲା। ଗୁରୁବାର ପ୍ରବଳ ଶୀତ ନେଇ ଅନୁଗୋଳ, ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର ଆଦି ୪ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ଦୁଇଦିନ ମଧ୍ୟରେ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଧୀରେ ଧୀରେ ୨ରୁ ୪ ଡିଗ୍ରୀ ପାରଦ ଖସିବ। ତେବେ ଆସନ୍ତା ୧୫ରୁ ୧୭ତାରିଖ ମଧ୍ୟରେ ବିଭିନ୍ନ ଜିଲାରେ ଘନ କୁହୁଡ଼ି ଆଚ୍ଛାଦିତ ହେବ। ବିଶେଷକରି ଉପକୂଳ ଓଡ଼ିଶା, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଅନୁଗୋଳ ଓ ଢେଙ୍କାନାଳ ଜିଲାରେ ଘନ କୁହୁଡ଼ି ପରିଲକ୍ଷିତ ହେବ।


LITTLE HEARTS TODDLERS ACADEMY PPW
LITTLE HEARTS TODDLERS ACADEMY 1995 Learn with fun
25th ANNIVERSARY
Admission Open for Play group & Nursery 2020 - 2021
Gifts for Play group and Nursery
Uniform | Books | School bag



Similipada, Angul, Orissa - 759122


# ଜିଲା ଚିଠି ସୁବର୍ଣ୍ଣପୁର



## ମଣ୍ଡିରୁ ଉଠୁନି ଧାନ

ସୁବର୍ଣ୍ଣପୁର ଜିଲାରେ ଚାଷୀ ସବୁବେଳେ ଅଭାବୀ ବିକ୍ରି ଓ ଦଲାଲଙ୍କ ଦ୍ୱାରା ଶୋଷିତ ହୋଇଆସୁଛି। ଧାନ ହେଉ ଅବା ପରିବା କିମ୍ବା ଧଳା ସୁନା କୁହାଯାଉଥିବା କପାଚାଷ କରି କ୍ଷତି ସହୁଛି। ଚଳିତବର୍ଷ ଭଲ ବର୍ଷା ଓ ଅନୁକୂଳ ପାଗ ଯୋଗୁ ଖରିଫ ଧାନ ଅମଳ ଭଲ ହୋଇଥିଲା। ତେବେ ମିଲର୍ସଙ୍କ ମନମାନି ସାଙ୍ଗକୁ ସରକାରଙ୍କ ଟୋକନ୍ ପ୍ରଦାନରେ ଅହେତୁକ ବିଳମ୍ବ ଚାଷୀଙ୍କୁ କ୍ଷତି ସହିବାକୁ ବାଧ କରିଛି। ଚାଷୀ କମ୍ ଦରରେ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ରେକର୍ଡ ପରିମାଣର ଧାନ ଉତ୍ପାଦନ କରୁଥିବା ଏହି ଜିଲାର ସବୁ ମଣ୍ଡିରେ କଂକ୍ରିଟ୍ ପିଣ୍ଡି କିମ୍ବା ଗୋଦାମ ଘର ବର୍ତ୍ତମାନ ସୁଦ୍ଧା ନିର୍ମାଣ ହୋଇପାରିନି। ଖୋଲା ଆକାଶ ତଳେ ଧାନ ବସ୍ତା ପଡ଼ିରହିଛି। ସରକାରଙ୍କ ଧାନ କ୍ରୟ ଟାର୍ଗେଟ୍ ଥିଲେ ମଧ୍ୟ ମିଲର୍ସ ମଣ୍ଡିକୁ ଟ୍ରକ୍ ପଠାଉ ନ ଥିବା ଅଭିଯୋଗ ହେଉଛି। ଚାଷୀ ମଣ୍ଡିରେ ଧାନ ରଖି ଶୀତ କାକରରେ ଜଗି ରହୁଛନ୍ତି। ଏଭଳି ସ୍ଥିତିରେ ଗତ ୬ରୁ ୮ ତାରିଖ ପର୍ଯ୍ୟନ୍ତ ବର୍ଷା ଓ କୋହଲା ପାଗ ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ମଣ୍ଡିରେ ଥିବା ଧାନ ବସ୍ତା ଉପରେ ପଲିଥିନ୍ ଢଙ୍କା ହୋଇଥିଲେ ମଧ୍ୟ ତଳିଆ ଅଞ୍ଚଳରେ ବର୍ଷା ପାଣି ପ୍ରବେଶ କରି ଧାନ ବସ୍ତା ଭିଜିଯାଇଛି। ଏ ସବୁ ମଣ୍ଡିରେ ଧାନ ଗଜା ହେଲାଣି। ଅନ୍ୟପକ୍ଷେ ଜିଲା ଯୋଗାଣ ବିଭାଗ ଧାନ କ୍ରୟ ପାଇଁ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ଇସ୍ୟୁ କରିବା ଲାଗି ରାଜ୍ୟ ଯୋଗାଣ ନିଗମକୁ ଚିଠି ଲେଖିଛି। ହେଲେ ଚାଷୀଙ୍କୁ ଟୋକନ୍ ମିଳିବାର ନାଁଗନ୍ଧ ନାହିଁ। ଏଭଳି ସ୍ଥିତିରେ ବିଭିନ୍ନ ମଣ୍ଡିରେ ହଜାର ହଜାର ଧାନ ବସ୍ତା ପଡ଼ିରହିଛି। ଜିଲାରେ ଗତ ନଭେମ୍ବର ୧୫ ତାରିଖରୁ ଖରିଫ ଧାନକିଣା ଆରମ୍ଭ ହୋଇଛି। ଖରିଫ ଧାନ ବିକ୍ରି ପାଇଁ ୪୭,୯୯୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ସରକାର ଏହି ଜିଲାରୁ ୩୪ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦେଇଛନ୍ତି । ୯ ତାରିଖ ସନ୍ଧ୍ୟା ସୁଦ୍ଧା ଜିଲାର ୪୩,୪୦୧ ଚାଷୀଙ୍କଠାରୁ ୩୧,୮୭,୨୮୨ କୁଇଣ୍ଟାଲ ଧାନ କିଣାଯାଇଛି। ସୁବର୍ଣ୍ଣପୁର ଜିଲାର ୪୧ ମିଲର୍ସ, ବରଗଡ଼ ଓ ସମ୍ବଲପୁର ଜିଲାର ୧୩ ମିଲର୍ସଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଛି। ଜିଲାର ୬୫ ପ୍ୟାକ୍ସ ଓ ୧୪ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ କ୍ରୟ ହେଉଛି। ତେବେ ଏଫ୍ଏକ୍ୟୁ ଆଳ ଦେଖାଇ ମିଲର୍ସମାନେ କୁଇଣ୍ଟାଲ ପ୍ରତି ୩ରୁ ୪ କେଜି ଧାନ କାଟି ନେଉଛନ୍ତି। ଅନ୍ୟପକ୍ଷେ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକ୍‌ର ଶତାଧିକ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ୧୧୨୦ ଚାଷୀଙ୍କ ଟୋକନ୍ ଥାଇ ମଧ୍ୟ ଧାନ ବିକ୍ରି କରି ପାରୁ ନ ଥିବା ବେଳେ ୯୦୨ ଚାଷୀଙ୍କୁ ଏଯାଏ ଟୋକନ୍ ମିଳିନାହିଁ। କେତେକ ଚାଷୀଙ୍କର ଟୋକନ୍ କ୍ୟାନ୍‌ସେଲ ହୋଇଯାଇଛି। ନିକଟରେ ଅଦିନିଆ ବର୍ଷା ଓ କୋହଲା ପାଗ ଯୋଗୁ ଧାନ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ସରକାର ଅବିଳମ୍ବେ ଟୋକନ୍ ଇସ୍ୟୁ କରିବା ସହ ଧାନ ସଂଗ୍ରହ ଅବଧି ବୃଦ୍ଧି କରିବାକୁ ଚାଷୀ ମହଲରେ ଦାବି ହେଉଛି।

– ମୃତ୍ୟୁଞ୍ଜୟ ଶତପଥୀ

## ପିକ୍‌ଅପ୍ ଭ୍ୟାନ ଓଲଟି ୭ ଆହତ

ସୋରଡା, ୧୨।୨ (ଡି.ଏନ.ଏ.): ସୋରଡା–ଆସିକା ରାସ୍ତା ତତାବାଲି ଗ୍ରାମ ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ଏକ ପିକ୍‌ଅପ୍ ଭ୍ୟାନ ଓଲଟି ୭ଜଣ ଆହତ ହୋଇଛନ୍ତି। ସୋରଡା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଅସୁରବନ୍ଧ ପଞ୍ଚାୟତ ଦାନ୍ତଲିଙ୍ଗିରେ ଚାଲିଥିବା ଲୁର୍ଦ୍ଧୁମେରୀ ଯାତ୍ରାରେ ବ୍ରହ୍ମପୁର ଉତ୍କଳ ପେଣ୍ଡାଲ ସାହିର ବ୍ୟବସାୟୀମାନେ କପଡା ଦୋକାନ ପକାଇଥିଲେ। ଯାତ୍ରା ସରିବା ପରେ ବୁଧବାର ଏକ ପିକ୍‌ଅପ୍ ଭ୍ୟାନରେ ବ୍ୟବସାୟୀମାନେ ବ୍ରହ୍ମପୁର ଫେରୁଥିଲେ।


# ସଂକ୍ରମଣ ନିୟନ୍ତ୍ରଣରେ ସଫା ହାତର ମହତ୍ତ୍ୱ

Brought to you by:
Apollo HOSPITALS BHUBANESWAR

**ପ୍ରଶ୍ନ: ସମସ୍ତଙ୍କ ପାଇଁ ସଫା ହାତ କ'ଣ ମହତ୍ତ୍ୱ ରଖିଥାଏ ?**

ଉତ୍ତର: ଆମ ସମସ୍ତଙ୍କୁ ସୁରକ୍ଷିତ ରଖିବାରେ ହାତର ପରିଚ୍ଛନ୍ନତାର ମହତ୍ତ୍ୱ ବହୁତ ଅଧିକ । ସଂକ୍ରମଣ ସୃଷ୍ଟି କରୁଥିବା ସମସ୍ତ ଜୀବାଣୁଙ୍କ ବ୍ୟାପ୍ତତାକୁ ପ୍ରତିରୋଧ କରିବାର ଏହା ହେଉଛି ଏକ ସରଳ,ଶସ୍ତା ଉପାୟ । କେବଳ ହାତର ପରିଚ୍ଛନ୍ନତାକୁ ଆପଣାଇବା ଦ୍ୱାରା ଆମର ସୁରକ୍ଷା ନାଟକୀୟ ଢଙ୍ଗରେ ବଢ଼ିଯାଇଥାଏ, କାରଣ ଏପରି ଅନେକ ବୈଜ୍ଞାନିକ ପ୍ରମାଣ ରହିଛି ଯାହା ଦର୍ଶାଏ ଯେ ହାତ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯିବାର ପ୍ରଭାବ ସାରା ସଙ୍ଗଠନରେ ରୋଗୀଙ୍କ ମୋଟାମୋଟି ଉନ୍ନତିର କାରଣ ସାଜିପାରେ ।

ଶେଷରେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ହାତ ପରିଚ୍ଛନ୍ନତାକୁ ପ୍ରଥମ ବିଶ୍ୱ ରୋଗୀ ସୁରକ୍ଷା ଚ୍ୟାଲେଞ୍ଜର ପ୍ରଥମ ସ୍ତମ୍ଭ ଭାବେ ଚୟନ କରାଯିବା ରୋଗୀ ସୁରକ୍ଷା ଏଜେଣ୍ଡାରେ ହାତର ପରିଚ୍ଛନ୍ନତାର ମହତ୍ତ୍ୱ କ'ଣ ଏହା ସ୍ପଷ୍ଟ ଜଣାପଡ଼ିଥାଏ ।




ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁଗୁଡ଼ିକ ମୁଖ୍ୟତଃ ଲୋକଙ୍କ ହାତ ମାଧ୍ୟମରେ ବ୍ୟାପ୍ତ ହୋଇଥାନ୍ତି ।

ଏହା ବ୍ୟତୀତ, ହାତର ପରିଚ୍ଛନ୍ନତାରେ ଉନ୍ନତି ଆଣିବାର ରଣନୀତିକୁ ତତ୍ପରତାର ସହ ଆପଣାଉଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକ ସେମାନଙ୍କର ସଂକ୍ରମଣ ନିୟନ୍ତ୍ରଣ ପଦ୍ଧତିର ଟିକିନିଖି ଯାଞ୍ଚକୁ ନେଇ ନିଶ୍ଚିନ୍ତ ରହିଥାନ୍ତି। ତେଣୁ,

**ସତ କିମ୍ବା ଭ୍ରାନ୍ତ ଧାରଣା ?**

୧. କୋଠରି ମଧ୍ୟକୁ ଯା'ଆସ କରିବା ପୂର୍ବରୁ ଓ ପରେ ହାତକୁ ପରିଚ୍ଛନ୍ନ କରିବା ଏବଂ ରୋଗୀଙ୍କ ପ୍ରତ୍ୟକ୍ଷ ଯତ୍ନ ନେଉଥିଲେ ଗ୍ଲୋଭ୍ସ ଓ ଗାଉନ୍ ପିନ୍ଧିବା ପାଇଁ ଆଗନ୍ତୁକମାନଙ୍କୁ ପରାମର୍ଶ ଦିଆଯିବା ଉଚିତ୍ । ସତ କିମ୍ବା ଭ୍ରାନ୍ତ ଧାରଣା ?
ଉତ୍ତର: ସତ

୨. ଝାଡ଼ା ବା ମଳ ଅସଂଯମତା ଭୋଗୁଥିବା ରୋଗୀଙ୍କଠାରେ ସଂକ୍ରମଣକୁ ବ୍ୟାପ୍ତ କରିବାର ବର୍ଦ୍ଧିତ ଆଶଙ୍କା ରହିଥାଏ। ସତ କିମ୍ବା ଭ୍ରାନ୍ତ ଧାରଣା ?
ଉତ୍ତର: ସତ

(କ୍ରମଶଃ...)

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬



## POWERLINKS TRANSMISSION LIMITED

(A joint venture of TATA POWER and POWERGRID)

ପଞ୍ଜିକୃତ ଅଫିସ:
ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ,10ମଫ୍ଲୋର, DLF ଟାୱାର A, ଜିଲ୍ଲା କେନ୍ଦ୍ର ଜସୋଲା, ନୂଆଁ ଦିଲ୍ଲୀ110025

**ସାର୍ବଜନୀକ ସୂଚନା**

ନିୟନ୍ତ୍ରଣ ଅବଧି ଆର୍ଥିକ ବର୍ଷ 2019-24 ପାଇଁ ପ୍ରସ୍ତାବିତ ବାର୍ଷିକ ଟ୍ରାନ୍ସମିସନଶୁଳ୍କଏବଂଆର୍ଥିକ ବର୍ଷ 2014-19 ପାଇଁ ବାର୍ଷିକ ଟ୍ରାନ୍ସମିସନ ଶୁଳ୍କରଟ୍ରୁ-ଆପ ଅନୁମୋଦନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ବିନିୟମନ, 2004ରବିନିୟମନ 3(6) (ଟାରିଫନିର୍ଦ୍ଧାରଣ ପାଇଁ ଆବେଦନ, ଆବେଦନ ପ୍ରକାଶନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟରେ ପ୍ରକ୍ରିୟା କରିବା ପାଇଁ) ଅନୁପାଳନରେ ପାୱାରଲିଙ୍କସ ଟ୍ରାନ୍ସମିସନଲିମିଟେଡରପିଟିସନ ଉପରେ ପ୍ରସ୍ତାବ/ଆପତ୍ତି ଆମନ୍ତ୍ରିତ କରିବା ସୂଚନା

1. ଏହି ଦସ୍ତାବିଜରେ ପ୍ରଦତ୍ତ ଟ୍ରାନ୍ସମିସନପ୍ରଣାଳୀ ପାଇଁ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2019ଅଧୀନରେ ଆର୍ଥିକ ବର୍ଷ2019-24 ଅବଧି ପାଇଁ ବାର୍ଷିକ ଟ୍ରାନ୍ସମିସନଶୁଳ୍କ ଏବଂCERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2014,CERC (ବ୍ୟବସାୟ ପରିଚାଳନା)ବିନିୟମନ1999ର ବିନିୟମନ86 ଏବଂ ବିଦ୍ୟୁତ ଅଧିନିୟମ 2003ର ଧାରା 79 ଅଧୀନରେ ଆର୍ଥିକ ବର୍ଷ2014-19 ପାଇଁ ଟ୍ରୁ-ଆପଅନୁମୋଦନ ପାଇଁ ମାନନୀୟ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ, ନୂଆଁ ଦିଲ୍ଲୀ ("ମାନନୀୟCERC") ସମ୍ମୁଖରେ ପିଟିସନକାରୀ ଏକ ପିଟିସନ ଦାଖଲ କରିଛନ୍ତି ।

**ଟ୍ରାନ୍ସମିସନ ପ୍ରଣାଳୀ:ସିଲିଗୁଡିରୁ ପୂର୍ଣ୍ଣିଆ400 KV ଡବଲ ସର୍କିଟ ଲାଇନ(A1) ଏବଂ ପୂର୍ଣ୍ଣିଆରୁମୁଜଫ୍ଫରପୁର (A2),ଏବଂ ମୁଜଫ୍ଫରପୁରରୁ ମୁଜଫ୍ଫରପୁର220 KV ଡବଲ ସର୍କିଟ ଲାଇନ(BSEB) (A6).**

2- **ଟ୍ରାନ୍ସମିସନ ପ୍ରଣାଳୀର ଲାଭାର୍ଥୀ:**

ପିଟିସନକାରୀଙ୍କୁ ଟ୍ରାନ୍ସମିସନ ସେବା ଶୁଳ୍କ ପ୍ରଦାନ କରି ପିଟିସନକାରୀଙ୍କ ଦ୍ୱାରା ନିର୍ମିତ ଏବଂ ଦେଖାରଖା କରାଯାଉଥିବା ସୁବିଧା PGCIL ଉପଯୋଗ କରିପାରିବେ ବୋଲି ପିଟିସନକାରୀ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ("PGCIL")ଙ୍କ ସହିତ ଟ୍ରାନ୍ସମିସନ ସେବା ଚୁକ୍ତି ସ୍ୱାକ୍ଷର କରିଥିଲେ । PGCIL ସହିତ ପିଟିସନକାରୀ କାର୍ଯ୍ୟାନ୍ୱୟନ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଥିଲେ ଯାହାର ସର୍ତ୍ତ ଅନୁସାରେ ତାଲା ଟ୍ରାନ୍ସମିସନ ପ୍ରଣାଳୀରୁ ଉତ୍ପନ୍ନ ଲାଭ ପରିଶେଷରେ ପାଇବାକୁ ଥିବା ପୂର୍ବୀ ଏବଂ ଉତ୍ତରୀ ଅଞ୍ଚଳର ସମ୍ପୃକ୍ତ ଲାଭାର୍ଥୀମାନଙ୍କ ସହିତ ଏକ ପୂର୍ବ ସର୍ତ୍ତ ଭାବେ MoU/ BPT ଚୁକ୍ତି PGCIL ହସ୍ତାକ୍ଷର କରିଛନ୍ତି । ସିଲିଗୁଡିରୁ ପୂର୍ଣ୍ଣିଆ ଏବଂ ପୂର୍ଣ୍ଣିଆରୁ ମୁଜଫ୍ଫରପୁରପର୍ଯ୍ୟନ୍ତ400 KV ଡବଲ ସର୍କିଟ ଲାଇନଏବଂ ମୁଜଫ୍ଫରପୁରରୁ ମୁଜଫ୍ଫରପୁର (BSEB)ପର୍ଯ୍ୟନ୍ତ220 KV ଡବଲ ସର୍କିଟ ଲାଇନରସମ୍ପୃକ୍ତ ଲାଭାର୍ଥୀମାନଙ୍କର ଏକ ତାଲିକା ନିମ୍ନରେ ଦିଆଯାଇଛି:

a) ୱେଷ୍ଟ ବେଙ୍ଗାଲ ଇଲେକ୍ଟ୍ରିସିଟି ବୋର୍ଡ
b) ଦାମୋଦର ଭେଲି କର୍ପୋରେସନ
c) ବିହାର ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ
a) ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆଲିମିଟେଡ
b) ପାୱାର ଡିପାର୍ଟମେଣ୍ଟ, ଗଭର୍ଣ୍ଣମେଣ୍ଟ ଅଫ ସିକ୍କିମ
c) ଝାଡଖଣ୍ଡ ଷ୍ଟେଟଇଲେକ୍ଟ୍ରିସିଟି ବୋର୍ଡ

3. **ଟ୍ରାନ୍ସମିସନ ଲାଇନ ଦୈର୍ଘ୍ୟ**
a. ସିଲିଗୁଡି– ପୂର୍ଣ୍ଣିଆ :320 ckt-kms
b. ପୂର୍ଣ୍ଣିଆ – ମୁଜଫ୍ଫରପୁର :478 ckt-kms
c. ମୁଜଫ୍ଫରପୁର– ମୁଜଫ୍ଫରପୁର(BSEB) :48 ckt-kms

4. ପରିଯୋଜନାରଅନୁମୋଦିତ ପୁଞ୍ଜି ମୂଲ୍ୟ (ବିଶେଷ ଉପକରଣ, ସ୍ଥାପନା, ଆକସ୍ମିକତା ଏବଂIDCର ଆବଣ୍ଟିତ ମୂଲ୍ୟ ଏହା ଅନ୍ତର୍ଭୁକ୍ତ କରେ) : ଟ. 736.03କୋଟି
5. ପୁଞ୍ଜି ମୂଲ୍ୟ ଅନୁମୋଦନ କରିଥିବା ପ୍ରାଧିକରଣ: ଶକ୍ତି ମନ୍ତ୍ରଣାଳୟ
6. ବାଣିଜ୍ୟକସଂଚାଳନରଅନୁସୂଚିତ ତାରିଖ :01.07.2006
7. ବାଣିଜ୍ୟକସଂଚାଳନରପ୍ରକୃତତାରିଖ : 01.09.2006
8. ବାଣିଜ୍ୟକସଂଚାଳନ ତାରିଖ ଅନୁସାରେ ପୁଞ୍ଜି ମୂଲ୍ୟ :ଟ. 649.62କୋଟି
9. **ଟାରିଫ ବିବରଣ**

| ଟ୍ରାନ୍ସମିସନ ପ୍ରଣାଳୀର ନାମ | ଟ୍ରୁ-ଆପ ପାଇଁ ବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
|---|---|---|---|---|---|
| 400 KV DC ସିଲିଗୁଡି– ପୂର୍ଣ୍ଣିଆ (A1)<br>400 KV DC ପୂର୍ଣ୍ଣିଆ – ମୁଜଫ୍ଫରପୁର(A2)<br>220 KV DC ମୁଜଫ୍ଫରପୁର– ମୁଜଫ୍ଫରପୁର(BSEB) (A6) | 2014 –15 | 2015-16 | 2016-17 | 2017-18 | 2018-19 |
| | 11674.61 | 11355.53 | 11793.18 | 11074.14 | 10716.86 |
| | ପ୍ରସ୍ତାବିତବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ ;ଲକ୍ଷ ଟଙ୍କାରେ | | | | |
| | 2019-20 | 2020-21 | 2021-22 | 2022-23 | 2023-24 |
| | 7002.67 | 6982.91 | 6496.71 | 6414.71 | 6383.12 |

10. ପିଟିସନକାରୀଙ୍କର ୱେବସାଇଟ www.powerlinks.co.inରୁ ଉପରୋକ୍ତ ପିଟିସନର ଏକ ନକଲ ଡାଉନଲୋଡ କରାଯାଇପାରିବ ।

11. ଏହି ସୂଚନା ପ୍ରକାଶିତ ହେବାର 30 ଦିନ ଭିତରେ ପିଟିସନକାରୀଙ୍କୁ (ଇ-ମେଲ: pankaj.prakash@tatapower.com) ଏକ ନକଲ ସହିତ ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ଚନ୍ଦ୍ରାଲୋକ ଭବନ, 3ୟ ଏବଂ 4ଥ ଫ୍ଲୋର ଜନପଥ, ନୂଆଁ ଦିଲ୍ଲୀ – 110001 ସମ୍ମୁଖରେ ଲାଭାର୍ଥୀମାନଙ୍କ ସହିତ ଯେକୌଣସି ବ୍ୟକ୍ତି ଦ୍ୱାରା ଉପରୋକ୍ତ ପିଟିସନ ଉପରେ ଥିବା ଯେକୌଣସି ପ୍ରସ୍ତାବ ଏବଂ ଆପତ୍ତି ଦାୟର କରାଯାଇପାରେ ।

ସ୍ଥାନ: ନୂଆଁ ଦିଲ୍ଲୀ
ତାରିଖ: 07.02.2020

(ଯୋଗେଶ କୁମାର ଲୁଥରା)
CEOଏବଂ ED – ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ



## POWERLINKS TRANSMISSION LIMITED

(A joint venture of TATA POWER and POWERGRID)

ପଞ୍ଜିକୃତ ଅଫିସ:
ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ,10ମଫ୍ଲୋର, DLF ଟାୱାର A, ଜିଲ୍ଲା କେନ୍ଦ୍ର ଜସୋଲା, ନୂଆଁ ଦିଲ୍ଲୀ110025

**ସାର୍ବଜନୀକ ସୂଚନା**

ନିୟନ୍ତ୍ରଣ ଅବଧି ଆର୍ଥିକ ବର୍ଷ 2019-24 ପାଇଁ ପ୍ରସ୍ତାବିତ ବାର୍ଷିକ ଟ୍ରାନ୍ସମିସନଶୁଳ୍କଏବଂଆର୍ଥିକ ବର୍ଷ 2014-19 ପାଇଁ ବାର୍ଷିକ ଟ୍ରାନ୍ସମିସନ ଶୁଳ୍କରଟ୍ରୁ-ଆପ ଅନୁମୋଦନ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ବିନିୟମନ, 2004ର ବିନିୟମନ 3(6) (ଟାରିଫନିର୍ଦ୍ଧାରଣ ପାଇଁ ଆବେଦନ, ଆବେଦନ ପ୍ରକାଶନ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ବିଷୟରେ ପ୍ରକ୍ରିୟା କରିବା ପାଇଁ) ଅନୁପାଳନରେ ପାୱାରଲିଙ୍କସ ଟ୍ରାନ୍ସମିସନଲିମିଟେଡରପିଟିସନ ଉପରେ ପ୍ରସ୍ତାବ/ଆପତ୍ତି ଆମନ୍ତ୍ରିତ କରିବା ସୂଚନା

1. ଏହି ଦସ୍ତାବିଜରେ ପ୍ରଦତ୍ତ ଟ୍ରାନ୍ସମିସନପ୍ରଣାଳୀ ପାଇଁ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ2019 ଅଧୀନରେ ଆର୍ଥିକ ବର୍ଷ2019-24 ଅବଧି ପାଇଁ ବାର୍ଷିକ ଟ୍ରାନ୍ସମିସନଶୁଳ୍କ ଏବଂ CERC (ଟାରିଫ'ରସର୍ତ୍ତ ଏବଂ ନିୟମ) ବିନିୟମନ 2014,CERC (ବ୍ୟବସାୟ ପରିଚାଳନା) ବିନିୟମନ 1999ର ବିନିୟମନ 86 ଏବଂ ବିଦ୍ୟୁତ ଅଧିନିୟମ 2003ର ଧାରା 79 ଅଧୀନରେ ଆର୍ଥିକ ବର୍ଷ2014-19 ପାଇଁ ଟ୍ରୁ-ଆପ ଅନୁମୋଦନ ପାଇଁ ମାନନୀୟ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ, ନୂଆଁ ଦିଲ୍ଲୀ ("ମାନନୀୟ CERC") ସମ୍ମୁଖରେ ପିଟିସନକାରୀ ଏକ ପିଟିସନ ଦାଖଲ କରିଛନ୍ତି ।

**ଟ୍ରାନ୍ସମିସନପ୍ରଣାଳୀ:ମୁଜଫ୍ଫରପୁରରୁ ଗୋରଖପୁର 400 KV ଡବଲ ସର୍କିଟ ଲାଇନ (A3).**

2. **ଟ୍ରାନ୍ସମିସନ ପ୍ରଣାଳୀର ଲାଭାର୍ଥୀ:**

ପିଟିସନକାରୀଙ୍କୁ ଟ୍ରାନ୍ସମିସନ ସେବା ଶୁଳ୍କ ପ୍ରଦାନ କରି ପିଟିସନକାରୀଙ୍କ ଦ୍ୱାରା ନିର୍ମିତ ଏବଂ ଦେଖାରଖା କରାଯାଉଥିବା ସୁବିଧା PGCIL ଉପଯୋଗ କରିପାରିବେ ବୋଲି ପିଟିସନକାରୀ ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ ("PGCIL")ଙ୍କ ସହିତ ଟ୍ରାନ୍ସମିସନ ସେବା ଚୁକ୍ତି ସ୍ୱାକ୍ଷର କରିଥିଲେ । PGCIL ସହିତ ପିଟିସନକାରୀ କାର୍ଯ୍ୟାନ୍ୱୟନ ଚୁକ୍ତି ମଧ୍ୟ ସ୍ୱାକ୍ଷର କରିଥିଲେ ଯାହାର ସର୍ତ୍ତ ଅନୁସାରେ ତାଲା ଟ୍ରାନ୍ସମିସନ ପ୍ରଣାଳୀରୁ ଉତ୍ପନ୍ନ ଲାଭ ପରିଶେଷରେ ପାଇବାକୁ ଥିବା ପୂର୍ବୀ ଏବଂ ଉତ୍ତରୀ ଅଞ୍ଚଳର ସମ୍ପୃକ୍ତ ଲାଭାର୍ଥୀମାନଙ୍କ ସହିତ ଏକ ପୂର୍ବ ସର୍ତ୍ତ ଭାବେ MoU/ BPT ଚୁକ୍ତି PGCIL ହସ୍ତାକ୍ଷର କରିଛନ୍ତି ।ମୁଜଫ୍ଫରପୁର – ଗୋରଖପୁର ପର୍ଯ୍ୟନ୍ତ400 KV ଡବଲ ସର୍କିଟ ଲାଇନରସମ୍ପୃକ୍ତ ଲାଭାର୍ଥୀମାନଙ୍କର ଏକ ତାଲିକା ନିମ୍ନରେ ଦିଆଯାଇଛି:

a) ପାୱାର ଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ
b) BSESରାଜଧାନୀ ପାୱାର ଲିମିଟେଡ
c) BSESଯମୁନା ପାୱାର ଲିମିଟେଡ
d) ଟାଟା ପାୱାର ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ
e) ପଞ୍ଜାବ ଷ୍ଟେଟ ପାୱାର କର୍ପୋରେସନ ଲିମିଟେଡ
f) ହରିୟାନା ପାୱାର ପାର୍ଚେଜ ସେଣ୍ଟର
g) ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡ
h) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ
i) ଚଣ୍ଡିଗଡ ଇଲେକ୍ଟ୍ରିସିଟି ଡିପାର୍ଟମେଣ୍ଟ
j) ରାଜସ୍ଥାନ ରାଜ୍ୟ ବିଦ୍ୟୁତ ପ୍ରସାରଣ ନିଗମ ଲିମିଟେଡ
k) ଜମ୍ମୁ ଓ କାଶ୍ମୀର ରାଜ୍ୟ ପାୱାର ଡିଭେଲପମେଣ୍ଟ କର୍ପୋରେସନ ଲିମିଟେଡ
l) ହିମାଚଳ ପ୍ରଦେଶ ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ଲିମିଟେଡ
m) ଉତ୍ତରାଖଣ୍ଡ ପାୱାର କର୍ପୋରେସନ ଲିମିଟେଡ
n) ଉତ୍ତର ମଧ୍ୟ ରେଲୱେ
o) ୱେଷ୍ଟ ବେଙ୍ଗାଲ ଷ୍ଟେଟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ
p) ଗ୍ରୀଡ କର୍ପୋରେସନ ଅଫ ଓଡିଶା ଲିମିଟେଡ
q) ଝାଡଖଣ୍ଡ ବିଜ୍ଲି ବିତରଣ ନିଗମ ଲିମିଟେଡ
r) ବିହାର ଷ୍ଟେଟ ପାୱାର ହୋଲଡିଙ୍ଗ କମ୍ପାନୀ ଲିମିଟେଡ
s) ଦାମୋଦର ଭେଲି କର୍ପୋରେସନ
t) ପାୱାର ଡିପାର୍ଟମେଣ୍ଟ, ସିକ୍କିମ ସରକାର
u) ଅଜମେର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
v) ଜୟପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
w) ଯୋଧପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ
x) ନୂଆଁ ଦିଲ୍ଲୀ ନଗରପାଳିକା ପରିଷଦ

3. **ଟ୍ରାନ୍ସମିସନ ଲାଇନ ଦୈର୍ଘ୍ୟ**
ମୁଜଫ୍ଫରପୁର– ଗୋରଖପୁର :520 ckt-kms

4. ପରିଯୋଜନାରଅନୁମୋଦିତ ପୁଞ୍ଜି ମୂଲ୍ୟ (ବିଶେଷ ଉପକରଣ, ସ୍ଥାପନା, ଆକସ୍ମିକତା ଏବଂ IDCର ଆବଣ୍ଟିତ ମୂଲ୍ୟ ଏହା ଅନ୍ତର୍ଭୁକ୍ତ କରେ) : ଟ. 440.75କୋଟି
5. ପୁଞ୍ଜି ମୂଲ୍ୟ ଅନୁମୋଦନ କରିଥିବା ପ୍ରାଧିକରଣ:ଶକ୍ତି ମନ୍ତ୍ରଣାଳୟ
6. ବାଣିଜ୍ୟକସଂଚାଳନରଅନୁସୂଚିତ ତାରିଖ :01.07.2006
7. ବାଣିଜ୍ୟକସଂଚାଳନରପ୍ରକୃତତାରିଖ : 01.09.2006
8. ବାଣିଜ୍ୟକସଂଚାଳନ ତାରିଖ ଅନୁସାରେ ପୁଞ୍ଜି ମୂଲ୍ୟ :ଟ. 388.17କୋଟି
9. **ଟାରିଫ ବିବରଣ**

| ଟ୍ରାନ୍ସମିସନ ପ୍ରଣାଳୀର ନାମ | ଟ୍ରୁ-ଆପ ପାଇଁ ବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
|---|---|---|---|---|---|
| 400 KV DC ମୁଜଫ୍ଫରପୁରରୁଗୋରଖପୁର (A3) | 2014 –15 | 2015-16 | 2016-17 | 2017-18 | 2018-19 |
| | 6831.97 | 6613.68 | 6737.70 | 6518.54 | 6312.88 |
| | ପ୍ରସ୍ତାବିତବର୍ଷ ଅନୁସାରେଟ୍ରାନ୍ସମିସନ ଶୁଳ୍କ (ଲକ୍ଷ ଟଙ୍କାରେ) | | | | |
| | 2019-20 | 2020-21 | 2021-22 | 2022-23 | 2023-24 |
| | 4114.77 | 4069.58 | 3759.57 | 3726.58 | 3723.28 |

10. ପିଟିସନକାରୀଙ୍କର ୱେବସାଇଟ www.powerlinks.co.inରୁ ଉପରୋକ୍ତ ପିଟିସନର ଏକ ନକଲ ଡାଉନଲୋଡ କରାଯାଇପାରିବ ।

11. ଏହି ସୂଚନା ପ୍ରକାଶିତ ହେବାର 30 ଦିନ ଭିତରେ ପିଟିସନକାରୀଙ୍କୁ (ଇ-ମେଲ: pankaj.prakash@tatapower.com) ଏକ ନକଲ ସହିତ ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ, ଚନ୍ଦ୍ରାଲୋକ ଭବନ, 3ୟ ଏବଂ 4ଥ ଫ୍ଲୋର ଜନପଥ, ନୂଆଁ ଦିଲ୍ଲୀ – 110001 ସମ୍ମୁଖରେ ଲାଭାର୍ଥୀମାନଙ୍କ ସହିତ ଯେକୌଣସି ବ୍ୟକ୍ତି ଦ୍ୱାରା ଉପରୋକ୍ତ ପିଟିସନ ଉପରେ ଥିବା ଯେକୌଣସି ପ୍ରସ୍ତାବ ଏବଂ ଆପତ୍ତି ଦାୟର କରାଯାଇପାରେ ।

ସ୍ଥାନ: ନୂଆଁ ଦିଲ୍ଲୀ
ତାରିଖ: 07.02.2020

(ଯୋଗେଶ କୁମାର ଲୁଥରା)
CEOଏବଂ ED – ପାୱାରଲିଙ୍କସ ଟ୍ରାନ୍ସମିସନ ଲିମିଟେଡ

## ସଂକ୍ଷେପରେ

### କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୧୨।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି ଅଧୀନ ଜାମୁଝରା ଗ୍ରାମର ପ୍ରସନ୍ନ ପଧାନ (୩୭)ଙ୍କ ମୃତଦେହ ବୁଧବାର ଏକ କୂଅରୁ ଉଦ୍ଧାର କରାଯାଇଛି। ପ୍ରସନ୍ନ ମଙ୍ଗଳବାର ରାତିରେ ଖଟୁଆହତା ଗ୍ରାମକୁ ଭୋଜି ଖାଇବାକୁ ଯାଇ ଫେରି ନ ଥିଲେ। ମଧାହ୍ନରେ ତାଙ୍କ ମୃତଦେହ କୂଅରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପଣ୍ଡୁଆ ଫାଣ୍ଡି ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ ସଦଳବଳ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରସନ୍ନ ଅସାବଧାନତାରୁ କୂଅରେ ଖସିପଡ଼ିଥିବା ଅନୁମାନ କରାଯାଉଛି।

### ଧାନର ଅଭାବୀ ବିକ୍ରି ନେଇ ଅଭିଯୋଗ

**ହାଟଡିହୀ, ୧୨।୨ (ଡି.ଏନ.ଏ.):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଡଅଁର, ସଢ଼ା, ମରୈଗାଁ, ରମ୍ଭାସ ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରକୃତ ଚାଷୀଙ୍କୁ ଟୋକନ ମିଳୁ ନ ଥିବା, ମଣ୍ଡି ଠିକ ଭାବେ ଖୋଲା ନ ଯିବା, ଧାନ କୁଇଣ୍ଟାଲ ପ୍ରତି ୫ ରୁ ୬ କି.ଗ୍ରା. କାଟ କରିବା, ଅଯୋଗ୍ୟ ଚାଷୀଙ୍କୁ ଋଣ ପ୍ରଦାନ କରିବା, ଉପଖଣ୍ଡ ଓ ପ୍ରଶାସନର ସହାୟତାରେ ମିଲ ମାଲିକ ମାନେ ଅସାଧୁ ଉପାୟରେ ଧାନ କିଣୁଥିବା ନେଇ ମଧ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଯୋଗାଣ ବିଭାଗ ମନ୍ତ୍ରୀ, ଜିଲା ପ୍ରଶାସନ, ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ, ମୋ ସରକାରଙ୍କୁ ଅଭିଯୋଗ କରିବା ସହ ରାଜ୍ୟସ୍ତରୀୟ ଏକ ଟିମ ଦ୍ୱାରା ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ମଧ କରିଛନ୍ତି। ଉପଖଣ୍ଡ ଯୋଗାଣ ଅଧିକାରୀ ବୁଦ୍ଧଦେବ ଜେନାଙ୍କୁ ପଚାରିବାରୁ ଚାଷୀ ଧାନ ବିକ୍ରିକୁ ନେଇ କୌଣସି ଅଭିଯୋଗ ଆସିଲେ ତୁରନ୍ତ ତାହାର ସମାଧାନ କରାଯାଏ। ଏଦିଗରେ ଦୃଷ୍ଟି ଦିଆଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଯୋଡ଼ିହେବେ ଏକୁଲ-ନଗଡ଼ା

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଅପହଞ୍ଚ ଇଲାକା ଭାବେ ପରିଚିତ ଏକୁଲ, ସେକୁଲ, କୋଟ ଦେଇ ଯାଜପୁର ଜିଲା ସୀମାନ୍ତ ନଗଡ଼ାକୁ ପକ୍କା ସଡ଼କ ନିର୍ମାଣ କରାଯିବ। ଏହି ରାସ୍ତା ଉଭୟ ଜିଲା ମଧରେ ବିକାଶର ସେତୁ ହେବ। ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଉଥିବା ସୂଚନା ଦେଇଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା।

ଘଞ୍ଚ ଜଙ୍ଗଲ ପରିବେଷ୍ଟିତ କାନ୍ତୋଲ ପଞ୍ଚାୟତର ଏକୁଲ, ସେକୁଲ, କୋଟ ଏବଂ ପୁଟିପାଳ ଗ୍ରାମବାସୀଙ୍କ ପ୍ରତିବନ୍ଧକ ହେଉଛି ରାସ୍ତା। ସ୍ୱାଧୀନତାର ଦୀର୍ଘଦିନ ପରେ ବି ଏଠାକାର ଲୋକମାନେ ଜଙ୍ଗଲର ପାଦଚଲା ରାସ୍ତା ଉପରେ ନିର୍ଭରଶୀଳ। ତେଣୁ ବିଭିନ୍ନ ସରକାରୀ ଯୋଜନା ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେଉଛି। ଏହାର ସମାଧାନ କରିବାକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ଖଣି ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯାଜପୁର ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ପୁନର୍ବାର ଯାଜପୁର ଜିଲା ପ୍ରଶାସନ ସହ କାର୍ଯ୍ୟ ଆରମ୍ଭ ନେଇ ବିଚାର ବିମର୍ଶ କରାଯିବ। ଜିଲା ବନଖଣ୍ଡ ଅଧିକାରୀଙ୍କ ସହ ମଧ ଆଲୋଚନା



ଏକୁଲ ଅଞ୍ଚଳକୁ ସଂଯୋଗ କରୁଥିବା ଦୁର୍ଗମ ରାସ୍ତା।

- ତିଆରି ହେବ ସବୁଦିନିଆ ରାସ୍ତା
- ଅପହଞ୍ଚ ଇଲାକାରେ ପହଞ୍ଚିବ ବିକାଶ

କରାଯାଇଛି। ବନ ବିଭାଗର ତଥ୍ୟ ଏବଂ ରିପୋର୍ଟ ଆଧାରରେ ପୂର୍ତ୍ତ ବିଭାଗ ସହଯୋଗରେ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନିଆଯିବ। ଆବଶ୍ୟକ ପଡ଼ିଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଅର୍ଥ ବ୍ୟୟ ବରାଦ କରାଯିବ। ରାସ୍ତାକୁ ବାଦ୍ ଦେଲେ ବିଦ୍ୟୁତ୍ ଟାୱାର ବ୍ୟବସ୍ଥା, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ଉନ୍ନତୀକରଣ ଲାଗି ପଦକ୍ଷେପ ନିଆଯିବ। ସାଧାରଣ ବଣ୍ଟନ ବ୍ୟବସ୍ଥା, ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ଏହାକୁ ଲୋକାଭିମୁଖୀ କରାଯିବ। ଏଣିକି ନିୟମିତ ସମ୍ପୃକ୍ତ ଅଞ୍ଚଳ ପରିଦର୍ଶନ କରି ସରକାରୀ ଯୋଜନାର କାର୍ଯ୍ୟକାରିତା ଯାଞ୍ଚ କରାଯିବ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଅପହଞ୍ଚ କାନ୍ତୋଲ ପଞ୍ଚାୟତକୁ ମଙ୍ଗଳବାର ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ସମେତ ଜିଲା ପ୍ରଶାସନର ଅଧିକାରୀ ପହଞ୍ଚି ଯୋଜନା ପ୍ରସ୍ତୁତ କରିବା ଖୁସିର କଥା। ଅଞ୍ଚଳବାସୀଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚାଇବାକୁ ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବ ବୋଲି ଜିଲାପାଳ କହିଛନ୍ତି।

# ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ଜରୁରୀ

**ବଇଣ୍ଡା, ୧୨।୨(ଡି.ଏନ.ଏ.)**

**ବନାଗ୍ନି ପ୍ରଶମନ ସଚେତନତା କର୍ମଶାଳା**

ଶିଳ୍ପ କଳକାରଖାନା ପାଇଁ ଅନେକ ଗଛ ବଳିପଡିଛି। ବଳକା ଜଙ୍ଗଲ ଏବେ ଅସୁରକ୍ଷିତ ହୋଇପଡିଛି। ନିଆଁ ଓ କାଠ ମାଫିଆଙ୍କ ଯୋଗୁ ଜଙ୍ଗଲ ଲୋପ ପାଇବାକୁ ବସିଛି। ମଣିଷ ନିଜ ସ୍ୱାର୍ଥ ପାଇଁ ନିଆଁ ଲଗାଇ ଦେଉଛି। ଫଳରେ ଅନେକ ଗଛ ଜଳିଯିବା ସହ ଜୀବଜନ୍ତୁ ପ୍ରାଣ ହରାଉଛନ୍ତି। ବନ୍ୟପ୍ରାଣୀ ଗ୍ରାମାଭିମୁଖୀ ହୋଇ ବହୁ କ୍ଷୟକ୍ଷତି କରୁଛନ୍ତି। ତେଣୁ ଏ ଦିଗରେ ସଭିଏ ସଚେତନ ହେବା ଜରୁରୀ। ଜଙ୍ଗଲ ସୁରକ୍ଷିତ ରହିଲେ ହିଁ ପରିବେଶ ସୁରକ୍ଷିତ ରହିପାରିବ ବୋଲି ବୁଧବାର ବନ ବିଭାଗ ପକ୍ଷରୁ ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ବାସୁଦେବପୁର ଗ୍ରାମରେ ଅନୁଷ୍ଠିତ ବନାଗ୍ନି ପ୍ରଶମନ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଫରେଷ୍ଟର କିଶୋରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଫରେଷ୍ଟର ସୁବ୍ରତ ଶତପଥୀ, ଗାର୍ଡ ସବିତା ବାଘ, ଆମଦଚନ୍ଦ୍ର ପ୍ରଧାନ, ଦୋଳଗୋବିନ୍ଦ ପ୍ରଧାନ, ତଅଁଲୁ ପ୍ରଧାନ, ଜଗନ୍ନାଥ ପରିଡା, ରୁନି ସାହୁ, ଦମୟନ୍ତୀ ବେହେରା, ସତ୍ୟାନନ୍ଦ ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ଅନାଦି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ କନ୍ତପଡା, ପୁରୁଣାପାଣି ଗ୍ରାମରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।




ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

### ୧୬ରେ କେନ୍ଦ୍ରୀୟ ଚଷା ସମାଜ ବାର୍ଷିକ ସମ୍ମିଳନୀ

**ତାଳଚେର, ୧୨।୨(ନି.ପ୍ର.)**

ତାଳଚେର ବ୍ଲକ ବଡଯୋରଡା ଗ୍ରାମଠାରେ କେନ୍ଦ୍ରୀୟ ଚଷା ସମାଜର ୬ଷ୍ଠ ବାର୍ଷିକ ଉତ୍ସବ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। କେନ୍ଦ୍ରୀୟ ଚଷା ସମାଜ ସଭାପତି ମକୁନ୍ଦ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଏହି ବାର୍ଷିକ ଉତ୍ସବ ପାଳନ କରାଯିବ। ଏଥିରେ ତାଳଚେର ଉପଖଣ୍ଡର ଗଡତଳ ଅଞ୍ଚଳ, କ୍ଷେମେଇ, ନଦୀକୂଳ, ବଜ୍ରକୋଟ, କଣିହାଁ ଅଞ୍ଚଳର ସମସ୍ତ ଚଷା ଭାଇ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟର ବହୁ ମାନ୍ୟଗଣ୍ୟ ଅତିଥି ଯୋଗ ଦେବେ ବୋଲି କେନ୍ଦ୍ରୀୟ ଚଷା ସମାଜ ସଭାପତି ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ରଞ୍ଜନ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



ଦୁର୍ନୀତି ନିବାରଣ ସମିତିର କର୍ମକର୍ତ୍ତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

**ଢେଙ୍କାନାଳ ଅଫିସ, ୧୨।୨**

ସୂଚନା ଅଧିକାର କର୍ମୀ ରଞ୍ଜନ ଦାସ ହତ୍ୟାକାଣ୍ଡ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବିରେ ଢେଙ୍କାନାଳ ଦୁର୍ନୀତି ନିବାରଣ ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସମିତିର କର୍ମକର୍ତ୍ତାମାନେ ଅମଲାପଡ଼ାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବିକ୍ଷୋଭସ୍ଥଳରେ ସୂଚନା ଅଧିକାରୀ ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସଦସ୍ୟ ଅଖଣ୍ଡ, ପ୍ରିୟବ୍ରତ ଗଡନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ପୋଲିସର ନିଷ୍କ୍ରିୟତା ବିରୋଧରେ ବର୍ଷିଥିଲେ। ରଞ୍ଜନ ହତ୍ୟାକାଣ୍ଡରେ ରାଜନେତା, ପ୍ରଶାସକ, ବ୍ୟବସାୟୀ ଏବଂ ଅସାମାଜିକ ଗୋଷ୍ଠୀଙ୍କ ସମ୍ପୃକ୍ତି ରହିଛି। ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରାଗଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ସମିତି ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିବା ରାଜ୍ୟ ସମ୍ପାଦକ ରଞ୍ଜନ କୁମାର ଲେଙ୍କା ସୂଚନା ଦେଇଛନ୍ତି ।

### ଆମ୍ବୁଲାନ୍ସକୁ ପିଟିଲା ଆମ୍ବୁଲାନ୍ସ

**ଭଦ୍ରକ ଅଫିସ, ୧୨।୨:** କୁହୁଡ଼ି ସାଜିଲା କାଳ। କୁହୁଡ଼ି ଯୋଗୁ ଆମ୍ବୁଲାନ୍ସକୁ ପଛରୁ ପିଟିଲା ଆମ୍ବୁଲାନ୍ସ। ଦୁର୍ଘଟଣାରେ ଆହତ ଦୁଇ ରୋଗୀଙ୍କ ସମେତ ସେମାନଙ୍କ ସମ୍ପର୍କୀୟ ମୋଟ ୪ ଜଣଙ୍କୁ କଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଡାହାଣୀଗଡିଆ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ଆମ୍ବୁଲାନ୍ସ ଦୁଇଟି କୋଲକାତାର ଦେବଡ଼ା ଅଞ୍ଚଳରୁ ଦୁଇଜଣ ପକ୍ଷାଘାତ ରୋଗୀଙ୍କୁ ପୃଥକ୍ ପୃଥକ୍ ଭାବେ କଟକ ନେଇ ଯାଉଥିଲେ। ଡାହାଣୀଗଡିଆ ଛକ ନିକଟରେ ଏକ ଟ୍ରଲରକୁ ସାଇଡ୍ ଦେବାକୁ ଯାଇ ଆଗରେ ଯାଉଥିବା ଆମ୍ବୁଲାନ୍ସକୁ ପଛପଟୁ ଅନ୍ୟ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ଭଦ୍ରକ ଟାଉନ ଥାନା ପୋଲିସ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘର ସହ ଜଳିଗଲେ...

ପରିବାର ଓ ଗ୍ରାମବାସୀଙ୍କ ମୁହଁରୁ ହସ ହଜାଇ ଦେଇଛି। ମୃତା ନବବଧୂ ହେଲେ ସେରପୁର ଗାଁର ଅନ୍ତର୍ଯ୍ୟାମୀ ପରିଡ଼ାଙ୍କ ସ୍ତ୍ରୀ ସରୋଜିନୀ (୨୬)।

ମିଳିଥିବା ସୂଚନା ଅନୁଯାୟୀ, ସରୋଜିନୀ ସକାଳ ପ୍ରାୟ ୭ଟା ବେଳେ ଘରେ ଚା କରି ସ୍ୱାମୀ ଅନ୍ତର୍ଯ୍ୟାମୀ, ଶାଶୁ ମଞ୍ଜୁଲତା ଓ ଶ୍ୱଶୁର କୃଷ୍ଣଚନ୍ଦ୍ରଙ୍କୁ ଦେଇଥିଲେ। ଏହାପରେ ଅନ୍ତର୍ଯ୍ୟାମୀ ନିକଟସ୍ଥ ନିଜ ଦୋକାନ ଖୋଲିବାକୁ ଚାଲି ଯାଇଥିଲେ। ତାଙ୍କ ମା' ବାପା ଗାଧୋଇବାକୁ ଗାଁ ପୋଖରୀକୁ ଯାଇଥିଲେ। ହଠାତ୍ ଶର୍ଟସର୍କିଟ୍ ହୋଇ ଘରେ ନିଆଁ ଲାଗିଯାଇଥିଲା। ଖବର ପାଇ ଅନ୍ତର୍ଯ୍ୟାମୀ ପହଞ୍ଚି ସରୋଜିନୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସେହି ଘରର ଏକ କବାଟ ସରୋଜିନୀଙ୍କ ଉପରେ ପଡ଼ିଯିବାରୁ ତାଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା। ତିହିଡ଼ିରୁ ଅଗ୍ନିଶମ ବାହିନୀ ଆସି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ପୋଡ଼ିହୋଇ ସରୋଜିନୀଙ୍କ ମୃତ୍ୟୁ ହୋଇସାରିଥିବାବେଳେ ଅନ୍ତର୍ଯ୍ୟାମୀ ଗୁରୁତର ହୋଇଥିଲେ। ଦମକଳ କର୍ମଚାରୀ ଅନ୍ତର୍ଯ୍ୟାମୀଙ୍କୁ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗ୍ରାମାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦୦/୨୦) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କେଦାରପୁର ସରପଞ୍ଚ ଭରତ କୁମାର ତ୍ରିପାଠୀ ଓ ସମିତିସଭ୍ୟ ଯୋଗେନ୍ଦ୍ର ଘଡ଼େଇ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ଏହି ପରିବାରକୁ ୭ ଦିନର ରନ୍ଧାଖାଦ୍ୟ ସହ ତୁରନ୍ତ ସରକାରୀ ସହାୟତା ପାଇଁ ସେମାନେ ଦାବି କରିଛନ୍ତି।

# ସ୍କୁଲର ବିକାଶ ନେଇ ବୈଠକ

**ବଅଁରପାଳ, ୧୨।୨ (ଡି.ଏନ୍.ଏ.)**

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀସ୍ଥିତ ନେହେରୁ ଉଚ୍ଚ ବିଦ୍ୟାଳୟର ୧୯୭୩ ମ୍ୟାଟ୍ରିକ୍ ବ୍ୟାଚର ଛାତ୍ରୀଛାତ୍ରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉମେଶ ଚନ୍ଦ୍ର ଗଡ଼ନାୟକ ସଭାପତିତ୍ୱ କରିଥିଲେ। ସ୍କୁଲର ବିକାଶ ଦିଗରେ କିଭଳି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଶ୍ରୀମୁଖ ପ୍ରଧାନ, କାର୍ତ୍ତିକେଶ୍ୱର ପ୍ରଧାନ, ନବକିଶୋର ମାଝି, ଗୋକୁଳାନନ୍ଦ ସାହୁ, ବଳରାମ ପୃଷ୍ଟି, ପ୍ରସନ୍ନ କୁମାର ବାରିକ, ତ୍ରିଲୋଚନ ଗଡ଼ନାୟକ, ରେଣୁବାଳା ଗଡ଼ନାୟକ, ପ୍ରସନ୍ନ କୁମାର ଗଡ଼ନାୟକ, ମାୟାଧର ସାହୁ, ହେମନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ଗଡ଼ନାୟକ ଓ ସହକାରୀ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ଗଡ଼ସନ୍ତ୍ରୀ ବାସଭବନରେ ଉପଢ୍ୌକନ ଦେଇ ଆର୍ଶୀବାଦ ଭିକ୍ଷା କରାଯାଇଥିଲା।



ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

# ଭୂମିହୀନ ପ୍ରଜା ସମିତି ପକ୍ଷରୁ ଧାରଣା



ଧାରଣାରତ ଭୂମିହୀନ ପ୍ରଜାମାନେ।

**ଢେଙ୍କାନାଳ ଅଫିସ, ୧୨।୨:** ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଓଡ଼ିଶା ଭୂମିହୀନ ପ୍ରଜା ସମିତି ପକ୍ଷରୁ ଧାରଣା ଦିଆଯାଇଛି। ସହରରେ ବସବାସ କରୁଥିବା ଭୂମିହୀନଙ୍କୁ ଜାଗା ମିଶନରେ ଘର ତିଆରି କରିବା ଲାଗି ତୁରନ୍ତ ଅର୍ଥ ଏବଂ ଘରଡିହ ପଟ୍ଟା ପ୍ରଦାନ କରିବା ଦାବିରେ କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଶ୍ୟାମାଚରଣପୁର ଅଞ୍ଚଳରେ ଥିବା ବସ୍ତିର ଗରିବ ଏବଂ ଭୂମିହୀନଙ୍କୁ ଟୋକନ ଦିଆଯାଇନାହିଁ। ପୌରାଞ୍ଚଳର ଅନେକ ଭୂମିହୀନ ପଟ୍ଟା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି। ଏପରି କି କିଛି ବସ୍ତିରେ ସର୍ଭେ ମଧ କରାଯାଇନାହିଁ। ଏହାର ପ୍ରତିବାଦରେ ସମିତିର ରାଜ୍ୟ ସଭାପତି ଦେବାଶିଷ ହୋତାଙ୍କ ନେତୃତ୍ୱରେ ପୌରାଞ୍ଚଳର ୪୩ ବସ୍ତିର ଭୂମିହୀନ ପ୍ରଜା ମିଳିତ ଭାବେ ଧାରଣା ଦେଇଥିଲେ। ୧୦ଦିନରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସମିତିର ଟାଉନ ସଭାପତି ଲିପୁନ ମିଶ୍ର ସୂଚନା ଦେଇଛନ୍ତି।

# ଜୋର୍ ଧରିଲା ମେଡ଼ିକାଲ କଲେଜ ଦାବି

**ଢେଙ୍କାନାଳ ଅଫିସ, ୧୨।୨**

ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଜୋର୍ ଧରିଛି। ଏ ନେଇ ଜିଲା ଓକିଲ ସଂଘ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଏକାଠି ହୋଇ ବୁଧବାର ଅପରାହ୍ନରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ଦୀର୍ଘଦିନର ଦାବି। ଏ ନେଇ ପୂର୍ବରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ଏ ଦିଗରେ ପଦକ୍ଷେପ ନିଆଯାଉନାହିଁ। ସେହିପରି ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ୭ମହଲା ବିଶିଷ୍ଟ ନୂତନ ଜିଲା ଚିକିତ୍ସାଳୟ ଲୋକାର୍ପିତ ହେବା ପରେ ବାଜିଚୌକସ୍ଥିତ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟ ଅସାମାଜିକଙ୍କ ଆଡ୍ଡା ପାଲଟିଛି। ସହରବାସୀଙ୍କ ସୁବିଧା ଲାଗି ପୁରୁଣା ଜିଲା ଚିକିତ୍ସାଳୟକୁ ସିଟି ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ କରିବାକୁ ଦାବି ଉପସ୍ଥାପନ କରାଯାଇଛି। ଏସବୁ ଦାବି ନେଇ ଆସନ୍ତା ୧୪ରେ ଢେଙ୍କାନାଳ ବନ୍ଦ ପାଳନ କରାଯାଉଛି। ଏ ସମସ୍ତ ବିଷୟରେ ଜିଲା ଓକିଲ ସଂଘ ସଭାପତି ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଟଙ୍କଧର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ସଚେତନ ନାଗରିକ ଫୋରମ୍

- ଓକିଲ ସଂଘ ନେତୃତ୍ୱରେ ଏକାଠି ହେଲେ ବିଭିନ୍ନ ସଙ୍ଗଠନ
- କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

ସଭାପତି ପ୍ରଦ୍ୟୁମ୍ନ ରଥ, ଜଗତ ଉଦ୍ଧାର ମଞ୍ଚ ସଭାପତି ନବକିଶୋର ଗୁରୁ, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ମିଶ୍ର, ସୁବୋଧ ମହାନ୍ତି, ପ୍ରତାପ ନାରାୟଣ ତ୍ରିପାଠୀ, ଶିବସାଇ ମହାପାତ୍ର, ଚାମ୍ବର ଅଫ କମର୍ସ ସଭାପତି ଶରତ ଚନ୍ଦ୍ର ପାଢ଼ୀ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ, ପ୍ରେସ କ୍ଲବ ସମ୍ପାଦକ ସତ୍ୟସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଦାବିଗୁଡିକ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ସିଟି ହସ୍ପିଟାଲ ପାଇଁ ସମସ୍ତ ପ୍ରକାର ଉଦ୍ୟମ ହେବ।



ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ସଂକ୍ଷେପରେ

### ଡିପୋରୁ ଚୋରା କୋଇଲା ଜବତ

କଣିହାଁ, ୧୨।୨(ଡି.ଏନ.ଏ.): କଣିହାଁ ବ୍ଲକ ସମଲ ଥାନା ପୋଲିସ ମଙ୍ଗଳବାର ରାତିରେ ଏକ ବେଆଇନ କୋଇଲା ଡିପୋରେ ଚଢ଼ାଉ କରି ପ୍ରାୟ ୮ଟନ୍‌ର କୋଇଲା ଜବତ କରିଛି। ବଲାଙ୍ଗୀ ଓ ରୁଟୁଭୂଇଁ ନିକଟସ୍ଥ ଏକ ଜଙ୍ଗଲ ସାଇଟ୍‌ରେ ଥିବା ଏହି ଡିପୋରେ ଚଢ଼ାଉ କରାଯାଇ କୋଇଲା ଜବତ କରାଯାଇଥିବା ଥାନା ଅଧିକାରୀ ଚାରୁଲତା ବେହେରା ସୂଚନା ଦେଇଛନ୍ତି। ଏ ନେଇ ୨୫/୨୦ରେ ମାମଲା ରୁଜୁ କରାଯାଇଛି। ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରା କୋଇଲା ଚାଲାଣ ବୃଦ୍ଧି ପାଉଥିବାବେଳେ ପୋଲିସ କୌଣସି ଠୋସ୍ ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅସାଧୁ ବ୍ୟକ୍ତି ଖଣିରୁ ବେଆଇନ ଭାବେ କୋଇଲା ଆଣି ଡିପୋରେ ରଖିବା ସହ ବାହାରକୁ ଚାଲାଣ କରୁଛନ୍ତି। କେବଳ କିଛି ସ୍ଥାନରେ ଲୋକ ଦେଖାଣିଆ ଚଢ଼ାଉ କରାଯାଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

### ନାଲ୍‌କୋ କର୍ମଚାରୀଙ୍କଠାରୁ ଠକେଇ



ବଅଁରପାଳ, ୧୨।୨ (ଡି.ଏନ.ଏ.): ନାଲ୍‌କୋରେ କାର୍ଯ୍ୟରତ ଗିରାଙ୍ଗ ଗ୍ରାମର ବିଶ୍ୱନାଥ ଗଡ଼ନାୟକଙ୍କଠାରୁ ୩୫ ହଜାର ଟଙ୍କା ଠକେଇ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ତାଙ୍କ ନିକଟକୁ କେହି ଫୋନ କରି ତାଙ୍କ ପେଟିଏମ୍ ସହ ଆକାଉଣ୍ଟ ସମ୍ପର୍କିତ ଅନ୍ୟାନ୍ୟ କାଗଜପତ୍ର ରଦ୍ଦ ହୋଇଯାଇଛି ବୋଲି କହିଥିଲେ। ଏଥିସହ ପାନକାର୍ଡ ନମ୍ବର ଏବଂ ଆକାଉଣ୍ଟ ସମ୍ବନ୍ଧିତ ତଥ୍ୟ ମାଗିଥିଲେ। ବିଶ୍ୱନାଥ ସେହି ଅଜଣା ବ୍ୟକ୍ତିଙ୍କୁ ସମସ୍ତ ତଥ୍ୟ ଦେବାପରେ ତାଙ୍କ ଆକାଉଣ୍ଟରୁ ୩୫ ହଜାର ଟଙ୍କା କଟି ଯାଇଥିବା ମେସେଜ ଆସିଥିଲା। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

### ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ

ବଇଣ୍ଡା, ୧୨।୨(ଡି.ଏନ.ଏ.)- ବଇଣ୍ଡା-ଠାକୁରଗଡ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ ଥାନା ଅଠରଫୁଟିଆ ନିକଟରେ ବୁଧବାର ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟ ପାର୍ଶ୍ୱରୁ ଆସୁଥିବା ବାଇକଗୁଡିକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ଏଥିରେ ୧୪ଟି ମାମଲା ରୁଜୁ ସହ ୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଠାକୁରଗଡ ଆଇଆଇସି ଗବାକ୍ଷ ନାୟକ, ସେକେଣ୍ଡ ଅଫିସର ସୁରେଶ ବେହେରା, ଏଏସ୍‌ଆଇ କରୁଣାକର ନନ୍ଦ ଏହି ଯାଞ୍ଚ କରିଥିଲେ।

### ପରିଶ୍ରମ ଶୀର୍ଷ ସ୍ଥାନରେ ପହଞ୍ଚାଇବ

ବଇଣ୍ଡା, ୧୨।୨(ଡି.ଏନ.ଏ.)- ବଡ ମଣିଷ ହେବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡିଥାଏ। ଯେଉଁ ଦେଶର ନାଗରିକ ଯେତେ ପରିଶ୍ରମୀ ସେ ଦେଶ ସେତେ ଶକ୍ତିଶାଳୀ। ତେଣୁ ସଫଳତା ସହ ଶୀର୍ଷ ସ୍ଥାନରେ ପହଞ୍ଚିବାକୁ ହେଲେ ପରିଶ୍ରମ ହିଁ ଏକମାତ୍ର ମାଧ୍ୟମ ବୋଲି ବୁଧବାର କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ପାପସରା ସରକାରୀ ଉଚ୍ଚ ବିଦ୍ୟାଳୟର ୧୨୦ ତମ ପ୍ରତିଷ୍ଠା ଉତ୍ସବ ସମାରୋହ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପୁରାତନ ଛାତ୍ର ସଂସଦ ସଭାପତି ହରିହର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଜୟନ୍ତୀ ପ୍ରଧାନ, ମୁଖ୍ୟବକ୍ତା ଭାବେ କିଶୋରନଗର କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଦଧିବାବନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, କିଶୋରନଗର ସିଡିପିଓ ସୁବାସିନୀ ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ।

# ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପସ୍ଥିତ ଲୋକଙ୍କୁ ବଟିକା ଖୁଆଯାଉଛି।

ତାଳଚେର,୧୨।୨(ନି.ପ୍ର.)

ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟଠାରେ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ଏବଂ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଳଚେର ଉପଖଣ୍ଡ ଡାକ୍ତରଖାନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଡାକ୍ତରଖାନାର ଏସ୍‌ଡିଏମ୍‌ଓ କର୍ଣ୍ଣରାମ ମହନ୍ତ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୋଡ଼ିବନ୍ଧର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୌମ୍ୟରଞ୍ଜନ ପାଳ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଯୋଗଦେଇ ଫାଇଲେରିଆର କାରଣ, ନିରାକରଣ ଏବଂ ଜାତୀୟ କୃମିନାଶକ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳିକା ମଧୁସ୍ମିତା ଦ୍ୱିବେଦୀ, ଆୟୁଷ ଡାକ୍ତର ସୁବ୍ରତ କୁମାର ସାହୁ, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୋହିତ କୁମାର ବେହେରା, ଭେକ୍ଟର ବାହିତ ରୋଗର ବୈଷୟିକ ପରିଦର୍ଶକ ବିଶ୍ୱଜିତ କର, ସ୍ୱାସ୍ଥ୍ୟ ପରିଦର୍ଶକ ବିକ୍ରମ କୁମାର ଭୂତିଆ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ସିହ୍ନା ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସମସ୍ତ ଆଶାକର୍ମୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଅଧକ୍ଷା ବିନୋଦିନୀ ଦାସ ଏବଂ ଅଧକ୍ଷ ବଳଭଦ୍ର ଜେନା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତଙ୍କୁ ଡିଇସି ଏବଂ ଆଲବେଣ୍ଡାଜୋଲ ବଟିକା ପ୍ରଦାନ କରାଯାଇଥିଲା। ଏହାସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୋଡ଼ିବନ୍ଧ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟରେ ଓ ଘରେ ଘରେ ବୁଲି ଖୁଆଇବାକୁ ଅଙ୍ଗନୱାଡ଼ି, ଆଶା କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା।

## ୫ଶହ ଲିଟର ଦେଶୀମଦ ଜବତ, ୨ ଗିରଫ

ବାଲେଶ୍ୱର ଅଫିସ,୧୨।୨

ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ବିଭାଗ ବୁଧବାର ୫ ଶହ ଲିଟର ଦେଶୀମଦ ଜବତ କରିବା ସହ ୨ ମଦ ବେପାରୀଙ୍କୁ ଗିରଫ କରିଛି। ସଦର ଥାନା ଅଧୀନ ସୁନହଟ ମଧୁଆମିଲ୍ ଛକଠାରେ ଗୋଟିଏ ମାରୁତି ୮୦୦ (ନଂ. ଓଆର୍‌୦୧ଜେ-୨୮୨୯)ରେ ଚୋରା ଦେଶୀ ମଦ ଯାଉଥିବା ଖବରପାଇ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ ବେଳେ ଅଭିଯୁକ୍ତ ଦ୍ୱୟ ଧରାପଡ଼ିଥିଲେ। ପୁରୁଣାବାଲେଶ୍ୱର ଅଞ୍ଚଳରୁ ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ବିରିଡ଼ିହି ଗ୍ରାମର ରବୀନ୍ଦ୍ର ପ୍ରଧାନ ଓ ସଦର ଥାନା ଶ୍ରୀବନ୍ତପୁର ଅଞ୍ଚଳର ଲକ୍ଷ୍ମୀଧର ସେଠୀ ୫ଶହ ଲିଟର ମଦ ନେଇ ଜାମୁଝାଡ଼ିକୁ ଦେବା ପାଇଁ ଯାଉଥିଲେ। ଖବରପାଇ ଅବକାରୀ ବିଭାଗ କର୍ମଚାରୀ ସେମାନଙ୍କୁ ଧରିଥିଲେ। ଏନେଇ ଜିଲା ଭ୍ରାମ୍ୟମାଣ ଅବକାରୀ ଥାନା ମାମଲା (ନଂ. ୧୬୨/୧୯-୨୦) ରୁଜୁ କରାଯିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଆଇଆଇସି ଉଦେଲାଲ ନାୟକ ପ୍ରକାଶ କରିଛନ୍ତି।

# ଦେଉଳଝରୀରେ ଜାଗର ଯାତ୍ରା ପ୍ରସ୍ତୁତି



ମାଧପୁର, ୧୨।୨

ଆଠମଲ୍ଲିକ ବ୍ଲକ ସ୍ଥିତ ଶୈବପୀଠ ଦେଉଳଝରୀଠାରେ ଜାଗର ଯାତ୍ରା ପାଳନ ପାଇଁ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଡ. ରଜନୀକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃୟାରୀ ୨୧ରେ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ପାଇଁ ଉପଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ମନ୍ଦିର ରଙ୍ଗ କାମ, ପରିମଳ ବ୍ୟବସ୍ଥା, ପାନୀୟଜଳ, ଅସ୍ଥାୟୀ ଦୋକାନୀଙ୍କୁ ଜାଗା ପ୍ରଦାନ, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଠାକୁରଙ୍କ ନୀତିକାନ୍ତି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ପରିମଳ ବ୍ୟବସ୍ଥା ପାଇଁ ଏନଏସି ନିର୍ବାହୀ ଅଧିକରୀ କାଦମ୍ବିନୀ ଜେନାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସରପଞ୍ଚଙ୍କୁ ପାଦୁକା ନଳା ପୁନରୁଦ୍ଧାର ଏବଂ ଟେଣ୍ଟ କାମ ପାଇଁ ଦେବୋତ୍ତର ସହାୟକ ନଗେନ ରାଉତଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଯାତ୍ରା ଦିନ ଭଜନ ସମାରୋହ କାର୍ଯ୍ୟକ୍ରମ ସ୍ଥିର ହେବା ସହ ନାଜିର ଅମିୟ ତ୍ରିପାଠୀଙ୍କୁ ଏ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ତହସିଲଦାର ଅଶୋକ କୁମାର ଦେହୁରୀ, ଡ. ସୁନୀଲ କୁମାର ପଣ୍ଡା, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ପୁରୁଣାମାଣତ୍ରୀ ରାଜସ୍ୱ ନିରୀକ୍ଷକ, କନିଷ୍ଠ ଯନ୍ତ୍ରୀ, ଏନଜେନ, ସେକ୍ସନ ଅଧିକାରୀ ମିଲୁ ଭୁକ୍ତାଙ୍କ ସମେତ ଦେଉଳଝରି ସେବାୟତ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଇଲେକ୍ଟ୍ରି ଲୋକଶେଡ୍ ଚାମ୍ପିୟନ



ଅନୁଗୋଳ ଅଫିସ୍, ୧୨।୨

ଅନୁଗୋଳ ରେଲୱେ ପକ୍ଷରୁ ମଙ୍ଗଳବାର ରେଲୱେ କଲୋନୀ ଭଲିବଲ ଗ୍ରାଉଣ୍ଡରେ ଏକ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଲୋକୋ ଶେଡ୍‌ର ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରିକାଲ୍ ଜେନେରାଲ ଓ ଇଲେକ୍ଟ୍ରିକାଲ୍ ରୋଟେଟିଙ୍ଗ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଫାଇନାଲ ଲୋକସେଡ୍ ଓ ଇଲେକ୍ଟ୍ରିକାଲ୍ ଜେନେରାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଲେକ୍ଟ୍ରି ଲୋକଶେଡ୍ ଚାମ୍ପିୟନ ହୋଇଛି। ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇଂ. ଏସ୍,ଏନ୍ ଦାସ, ସମିତି ୟୁନିୟନ୍ ସମ୍ପାଦକ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ସୁଶାନ୍ତ କୁମାର ସେଠୀ, କ୍ରୀଡ଼ା ସମିତି ସମ୍ପାଦକ ନୃସିଂହ ଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ନାବାଳିକା ଅପହରଣ ଘଟଣା: ସହଯୋଗୀ ଗିରଫ

ରୂପ୍‌ସା,୧୨।୨ (ଡି.ଏନ.ଏ.)

ବାଲେଶ୍ୱର ସଦର ଥାନା ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ଗୋପୀନାଥପୁର ଅନଳିଆ ଗ୍ରାମର ଜଣେ ଅଭିଯୁକ୍ତ ଅଞ୍ଜନ ପଟ୍ଟାୟତଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯିବା ଘଟଣାରେ ଅଭିଯୁକ୍ତ ସହଯୋଗ କରିଥିବା ଅପହୃତା ନାବାଳିକା ପୋଲିସ ସମ୍ମୁଖରେ ବୟାନ ଦେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅପହରଣ ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ. ୩୭୮/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଭୂମିପୂଜା

କଣିହାଁ, ୧୨।୨(ଡି.ଏନ.ଏ.)



ଶ୍ରେଣୀଗୃହ ଭୂମିପୂଜା ଅବସରରେ ଅତିଥି ଓ ଅନ୍ୟମାନେ।

ତାଳଚେର ବିଧାନସଭା କ୍ଷେତ୍ର କଣିହାଁ ବ୍ଲକ ଅଞ୍ଚଳକୁ ବୁଧବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ବିଧାୟକ ବ୍ରଜ କିଶୋର ପ୍ରଧାନ ଗସ୍ତ କରିଛନ୍ତି। ବିଭିନ୍ନ ଗ୍ରାମକୁ ଯାଇ ଜନସାଧାରଣଙ୍କୁ ଭେଟିବା ସହ ଆମ ଗାଁ ଆମ ବିକାଶ ଯୋଜନାରେ କମରେଇ ପଞ୍ଚାୟତ ଗଣ୍ଡବେରଣା ଗ୍ରାମ ମଠସାହିରେ ନିର୍ମିତ ନୂତନ ଗୋଷ୍ଠୀକେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେହିପରି ଗୋପେଶ୍ୱର ମନ୍ଦିର ଗୋଷ୍ଠୀ କେନ୍ଦ୍ର, ବିଜିଗୋଳ ପଞ୍ଚାୟତ ବାରଡାଙ୍ଗୁଆ ଗ୍ରାମ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। କମରେଇ ପଞ୍ଚାୟତ ଗଣ୍ଡବେରଣା ଉପ୍ରା ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଭୂମିପୂଜାବେଳେ ଏମ୍‌ପି ଓ ବିଧାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ନମିତା ସାହୁ, ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ଦୁଃଶାସନ ସାହୁଙ୍କ ସମେତ ସ୍ଥାନୀୟ ଲୋକ ପ୍ରତିନିଧି, ବିଜେଡି କାର୍ଯ୍ୟକର୍ତ୍ତା ସୁନୀଲ ପ୍ରଧାନ, ମିଡିଆ ସେଲ ସଂଯୋଜକ ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରୀ କୁଆଁଦେଇ ପୀଠସ୍ଥଳୀ ଚିହ୍ନଟ

ଛେଣ୍ଡିପଦା, ୧୨।୨(ଡି.ଏନ.ଏ.)



ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ପଞ୍ଚାୟତ ବଡବେରଣା ଗ୍ରାମଠାରେ ଥିବା ମା’ ଝାରୀ କୁଆଁଦେଇଙ୍କ ପୀଠ ଓ ଉଷ୍ମ ପ୍ରସ୍ରବଣ ସ୍ଥଳର ବିକାଶ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅନୁଗୋଳ ଜିଲାର ଏହା ଦ୍ୱିତୀୟ ପ୍ରସ୍ରବଣସ୍ଥଳ ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେଲା ଏହା ଅବହେଳିତ ହୋଇରହିଥିବା ଅଭିଯୋଗ ହେବାସହ ଉନ୍ନତୀକରଣ ପାଇଁ ଦାବି ହୋଇ ଆସୁଥିଲା। ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ଓ ବିଡିଓ ସୁନୀଲ କୁମାର କେରକେଟା ପ୍ରମୁଖ ଚାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଗ୍ରାମ ଓହ୍ଲାଣୀ ନାଳର ପାର୍ଶ୍ୱରେ ଥିବା ଏହି ପୀଠସ୍ଥଳ, ଉଷ୍ମ ପ୍ରସ୍ରବଣ କୁଣ୍ଡ ଏବଂ ନିକଟରେ କୁମ୍ଭୀରା, ଗଉଡୁଣୀ ଓ ବଡଯୋରା ନାଳର ସଙ୍ଗମ ସ୍ଥଳ ଆଦି ବୁଲି ଦେଖିଥିଲେ। ପଞ୍ଚାୟତର କାର୍ଯ୍ୟନିର୍ବହୀ ଅଧିକାରୀ ହୃଷୀକେଶ ସାହୁ ଓ ସରପଞ୍ଚ ନନ୍ଦିନୀ ପ୍ରଧାନଙ୍କ ଉପସ୍ଥିତିରେ ପୀଠସ୍ଥଳକୁ ଚିହ୍ନଟ କରାଯାଇଛି। ଏହାର ଉନ୍ନତୀକରଣ ସହ ଖୁବଶୀଘ୍ର ଏକ ରୁରାଲ ପାର୍କ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ସମିତି ସଭ୍ୟ ଟୁନା ସାହୁ, ଜିଆରଏସ ଦୈତାରୀ ଗଡନାୟକ, ପିଅନ ଶ୍ରୀନିବାସ ଗରତିଆ, ୱାର୍ଡ ମେମ୍ବର ସଞ୍ଜୟ ଭୋଇ, ସିରି ଭୋଇଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ରୂପ୍‌ସା,୧୨।୨ (ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଓଡ଼ଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ସିଲଡ଼ ଗ୍ରାମର ଜଣେ ଚାଷୀ ବୁଧବାର ବିଦ୍ୟୁତ ସଂସ୍ପର୍ଶରେ ପ୍ରାଣ ହରାଇଛନ୍ତି। ମୃତ ଚାଷୀ ହେଲେ ଅନନ୍ତ କୁମାର ତପସ୍ୱୀ। ସେ ମୋଟର ଯୋଗେ ଚାଷଜମିରେ ପାଣି ମଡ଼ାଉ ଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନାରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ




ବଅଁରପାଳ, ୧୨।୨ (ଡି.ଏନ୍.ଏ.)

ବଅଁରପାଳ ପିଏସ୍‌ଏସ୍‌ଜେ ଜୁନିୟର କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଶାନ୍ତ ରଞ୍ଜନ ସିହ୍ନା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବଅଁରପାଳ ଇକୋ ବ୍ୟାଙ୍କର ମ୍ୟାନେଜର ତାପସ କୁମାର ସାହୁ ଓ ସହଯୋଗୀ ରଞ୍ଜନ କୁମାର ସାହୁ, ପ୍ରଭୁ ରଞ୍ଜନ ମହାପାତ୍ର ଯୋଗଦେଇ ବ୍ୟାଙ୍କିଙ୍ଗ କ୍ଷେତ୍ରରେ କିପରି କ୍ୟାରିୟର ଗଠନ କରିହେବ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ସମାଜ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଅଜୟ କୁମାର ନେପାକ, କୋଅର୍ଡିନେଟର ଶ୍ରୀକାନ୍ତ ଦୟକ, ବିକ୍ରମ ଚରଣ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱଶାନ୍ତି ଗୀତାଯଜ୍ଞ, ସାମୂହିକ ବ୍ରତୋପନୟନ



ଖମାର, ୧୨।୨

ପାଲଲହଡ଼ା ବ୍ଲକ ଶଙ୍ଖପୁର ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମରେ ୭ମ ବିଶ୍ୱଶାନ୍ତି ଗୀତାଯଜ୍ଞ ଓ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିବସୀୟ ଯଜ୍ଞ ଓ ବ୍ରତୋପନୟନ ଅବସରରେ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ପାଖ ଗ୍ରାମର ଗରିବ ବ୍ରାହ୍ମଣ ପରିବାରରୁ ଆସିଥିବା ପିଲାମାନଙ୍କର ସାମୂହିକ ବ୍ରତୋପନୟନ କରାଯାଇଥିଲା। ଗଣେଶ୍ୱର ଦାସ ଓ ବାସନ୍ତି ଦାସ ପ୍ରମୁଖ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଲକ୍ଷ୍ମଣ ମିଶ୍ର, ସିପୁନ କର, ଖଗେଶ୍ୱର ମିଶ୍ର, ବନବିହାରୀ ମିଶ୍ର, ବୀରେନ କୁମାର ମିଶ୍ର, ରମାକାନ୍ତ ତ୍ରିପାଠୀ ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ଏକ କାର୍ଯ୍ୟକ୍ରମକୁ ସାମୂହିକ ଭାବେ ଆୟୋଜନ ବେଶ ପ୍ରଶଂସନୀୟ। ସାମାଜିକ କଲ୍ୟାଣ ପାଇଁ ଏହା ଏକ ପ୍ରୟାସ ବୋଲି ଖଗେଶ୍ୱର ମିଶ୍ର, ବନବିହାରୀ ମିଶ୍ର, ରମାକାନ୍ତ ତ୍ରିପାଠୀ, ରତ୍ନାକର ମାଟିଆରୀ, ଲକ୍ଷ୍ମଣ ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

# ଅଙ୍ଗଦାନ ବଞ୍ଚାଇପାରିବ ଜୀବନ

ଆଠମଲ୍ଲିକ, ୧୨।୨(ଡି.ଏନ.ଏ.)



ଅଙ୍ଗଦାନ ପାଇଁ ଜଣେ ଯୁବକ ସ୍ୱୀକୃତି ପତ୍ର ଗ୍ରହଣ କରୁଛନ୍ତି।

ଆଠମଲ୍ଲିକ ମହାବିଦ୍ୟାଳୟରେ ସମାଧାନ ତଥା ଭାରତ ଶରୀର ଅଙ୍ଗଦାନ ସମିତି ଆନୁକୂଲ୍ୟରେ ବୁଧବାର ଏକ ଅଙ୍ଗଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇ ଅଙ୍ଗଦାନ କରି ମୃତ୍ୟୁପରେ ବି ଆଉ ଜଣଙ୍କୁ ନୂତନ ଜୀବନ ଦେବା ସୌଭାଗ୍ୟର ବିଷୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଲୋକସେବକ ମଣ୍ଡଳର ସଦସ୍ୟ ତଥା ଭାରତ ଶରୀର ଅଙ୍ଗଦାନ ସମିତି ଅଧ୍ୟକ୍ଷ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଅଙ୍ଗଦାନର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ନିରଞ୍ଜନ ହୋତା, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାଶ, ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ ମଞ୍ଚାସୀନ ଥିଲେ। ସମାଧାନର ସମ୍ପାଦକ ବିନୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କିନ୍ନର ସଂଘର ପୂର୍ବତନ ସଭାପତି ଚିନ୍ମୟୀ ଦାଶ ଉପସ୍ଥିତ ଥିଲେ। ଏହି ଶିବିରରେ ଅଙ୍ଗଦାନ କରିବା ପାଇଁ ଶତାଧିକ ସ୍ୱୀକୃତି ପତ୍ରରେ ସ୍ୱାକ୍ଷର କରିଥିଲେ। ଆଇଆଇସି, ଜିଲାପରିଷଦ ସଦସ୍ୟା, ସୁରେଶ ଚନ୍ଦ୍ର ଦେହୁରୀ, ଦେବବ୍ରତ ପ୍ରଧାନ, ଅବିନାଶ ଷଡଙ୍ଗୀ, ସଲମନ ଖାଁ, ରକ୍ତଦାତା ସଂଘର ସଭ୍ୟ ଶତ୍ରୁଘ୍ନ ସାହୁ, ସ୍ୱେଚ୍ଛାସେବୀ ପ୍ରତାପ ମେହେର ଏବଂ ତପନ ବେହେରା, ସଂଯୁକ୍ତା ପଟ୍ଟନାୟକ, ମାନସ ରଞ୍ଜନ ପଟ୍ଟନାୟକ, ଅର୍ଚ୍ଚନା ପଟ୍ଟନାୟକ, ବିଜୟ ପଟ୍ଟନାୟକ, କୁସୁମ ପଟ୍ଟନାୟକ, ରମେଶ ମହାନ୍ତି, ରଶ୍ମିତା ମହାନ୍ତି, ଅଭୟ ପଟ୍ଟନାୟକ ପ୍ରମୁଖ ଅଙ୍ଗଦାନ ପାଇଁ ଅତିଥିମାନଙ୍କଠାରୁ ସ୍ୱୀକୃତି ପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ମହାପାତ୍ରଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଜନସାଧାରଣ, ଅଧ୍ୟାପକ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସର୍ବେଶ୍ୱର ମଲ୍ଲିକ ଶିବିର ସଂଯୋଜନା କରିଥିଲେ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡ଼ା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଢୁଲୁକିଲା ମଞ୍ଚ

**ଅନୁଗୋଳ ଅଫିସ୍, ୧୨।୨**

ଗଣେଶ ବନ୍ଦନାରୁ ବୁଧବାର ଆରମ୍ଭ ହୋଇଥିଲା ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ଆରିୟନ୍ ଡ୍ୟାନ୍ସ ଗ୍ରୁପ୍‌ର ୭ ଜଣ ଏହାକୁ ପରିବେଷଣ କରିଥିଲେ। ଏହାପରେ ଗୋଟିଏ ପରେ ଗୋଟିଏ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଯାଇଥିଲା।

ଗଣେଶ ବନ୍ଦନା ପରେ ଗଞ୍ଜାମର ପଶୁ ନୃତ୍ୟକୁ ବିଶ୍ୱଜନନୀ କଳାପରିଷଦ ପକ୍ଷରୁ ୨୦ ଜଣ କଳାକାର ମଞ୍ଚରେ ପ୍ରଦର୍ଶନ କରିଥିଲେ। ବନସୁରକ୍ଷା ସହ ପ୍ରାଣୀ ଓ ପରିବେଶ ସୁରକ୍ଷାର ବାର୍ତ୍ତା ନେଇ ସେମାନେ କଳା ପରିବେଷଣ କରିଥିଲେ। ପରେ ସୁବାଶିଷ ଶର୍ମା(ମଣ୍ଟୁ) ତାଙ୍କର ହିଟ୍ ଆଲବମ୍ ନିଃଶ୍ୱାସ ଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ପରଦେଶୀ ଚଢ଼େଇ ପରି ଓଡ଼ିଆ ଗୀତରେ ଦର୍ଶକଙ୍କୁ ଝୁମାଇଥିବାବେଳେ ରାଇଜିଂ ଷ୍ଟାର ଆଇକନ୍ ଶଶାଙ୍କଶେଖର ତାଙ୍କ କଣ୍ଠର ଯାଦୁ ଦେଖାଇଥିଲେ। ସୁନାର ଚଢ଼େଇ..., ତୋ ଆଖିରେ ମୁଁ.., ଯିବାର ଥିଲା ତୁ... ଓ ରାଇଜିଂ ଷ୍ଟାରରେ ଗାଇଥିବା କିଛି ବଲିଉଡ ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ। କଣ୍ଠଶିଳ୍ପୀ ସୁପ୍ରିୟା ମଧ ଦର୍ଶକଙ୍କ ବେଶ୍ ମନୋରଞ୍ଜନ କରିଥିଲେ। ଜଗତସିଂହପୁର ଝଙ୍କଡ ଶାରଳା ମାଟିରୁ ଆସିଥିବା ଗୁରୁ ଗୌରାଙ୍ଗ ଚରଣ ରାହୁଳଙ୍କ ସହ ତାଙ୍କ ଟିମ୍ ଘଣ୍ଟପାଟୁଆ ନୃତ୍ୟ ପରିବେଷଣ କରିଥିଲେ। କଳାକାର ସୁପ୍ରିୟା ନାୟକ ନୃତ୍ୟରେ ଦର୍ଶକଙ୍କୁ ଝୁମାଇଥିଲେ। ମଥୁରାର ମୟୂରୀ ନୃତ୍ୟ ସାଙ୍ଗକୁ ବଲାଙ୍ଗୀର ବ୍ୟାଣ୍ଡ ମହୋତ୍ସବରେ ବେଶ୍ ଆକର୍ଷଣୀୟ ଥିଲା। ଦର୍ଶକଙ୍କୁ ହସେଇ ହସେଇ ବେଦମ କରିଥିଲେ କମେଡିଆନ୍ ଅମରା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଆଠମଲ୍ଲିକ ପୌରପରିଷଦର କଳାକାର, ବଅଁରପାଳ କଳା ସଂସ୍କୃତି ସଂଘ, ଅନୁଗୋଳ କଳା ସଂସ୍କୃତି ସଂଘ ଓ ଅନୁଗୋଳ ପୌରପରିଷଦର କଳାକାରମାନେ ଦର୍ଶକଙ୍କୁ ପ୍ରଥମରୁ ବାନ୍ଧି ରଖିଥିଲେ।

# ମାଟି ଛୁଇଁଲେ ମନେପଡ଼େ ମୁଖ୍ୟ ପୁରୋଧାଙ୍କ କଥା

## ୮ମ ଜିଲା ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା



ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ଅନୁଗୋଳ ଅଫିସ୍, ୧୨।୨**

ଅନୁଗୋଳ ଜିଲା ମହୋତ୍ସବର ବୁଧବାର ଦ୍ୱିତୀୟ ଦିବସରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ନିରଞ୍ଜନ ସାହୁ ଯୋଗଦେଇଥିବାବେଳେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର, ଏମ୍‌ସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଭୋଳାନାଥ ଶୁକ୍ଲା, ଏନ୍‌ଟିପିସି/ଟିଟିପିଏସ୍ ମହାପ୍ରବନ୍ଧକ ଏନ୍.ଏସ୍. ରାଓ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ମୁଖ୍ୟ ଅତିଥି ସାହୁ କହିଥିଲେ ଯେ, କିଛି ବର୍ଷ ହେବ ପ୍ରତି ଜିଲା ସଦର ମହକୁମାରେ ସଂସ୍କୃତି ପରିଷଦ ପକ୍ଷରୁ ଜିଲା ମହୋତ୍ସବର ଆୟୋଜନ କରାଯାଇ ଆସୁଛି। ସଂସ୍କୃତି ଶିଳ୍ପକୁ ସମନ୍ୱିତ ଭାବେ ବିକାଶ କରିବା ଦିଗରେ ଏହା ଏକ ନୂତନ ପ୍ରଚେଷ୍ଟା। ନିଜ ଭିତରେ ଲୁଚି ଯାଉଥିବା ପରିଚୟକୁ ଲୋକଲୋଚନକୁ ଆଣିବାକୁ ଏହା ଏକ ସୁଯୋଗ। ଏହି ମାଟିକୁ ଛୁଇଁଲେ ମୁଖ୍ୟ ପୁରୋଧାଙ୍କ କଥାମାନେ ପଡ଼େ। ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ଭୋଳ କଳା, ସଂସ୍କୃତି ଓ ବାଣିଜ୍ୟର ଏହି ମହାସମାରୋହକୁ ସମସ୍ତେ ମନଭରି ଉପଭୋଗ କରିବାକୁ ଆହ୍ୱାନ ଦେଇଥିଲେ। ଅନୁଗୋଳ ଏସ୍‌ପି ମୀନା କହିଥିଲେ, କଳା ପରିବେଷଣ ପାଇଁ ଏହି ମହୋତ୍ସବ କଳାକାରଙ୍କ ନିମନ୍ତେ ଏକ ସୁଯୋଗ। ଓଡ଼ିଶା ଏବେ ଜାତୀୟସ୍ତରରେ ନିଜ କଳା ପ୍ରଦର୍ଶନ ପାଇଁ ଉଚ୍ଚସ୍ତରକୁ ଯାଇପାରିଛି। ଏନ୍‌ଟିପିସି/ଟିଟିପିଏସ୍ ମହାପ୍ରବନ୍ଧକ ରାଓ କହିଥିଲେ, ଓଡ଼ିଶା ହେଉଛି ଜଗନ୍ନାଥଙ୍କ ମାଟି। ଏହି ମାଟି ବହୁ ଲୁକ୍କାୟିତ କଳା ପ୍ରତିଭାକୁ ଲୋକ ଲୋଚନକୁ ଆଣୁଛି। ଏମ୍‌ସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶୁକ୍ଲା କହିଥିଲେ, ଓଡ଼ିଶାକୁ ବଢ଼ିବାକୁ ହେଲେ ସଂସ୍କୃତିକୁ ଆଗକୁ ନେବାକୁ ପଡ଼ିବ। କଳାକାରମାନେ ଏପରି ପ୍ରଦର୍ଶନ କରନ୍ତୁ ଯେପରି ଦର୍ଶକଙ୍କୁ ସେମାନେ ବାନ୍ଧି ରଖିପାରିବେ। ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଶ୍ର କହିଥିଲେ, ଏହି ମଞ୍ଚ ବହୁ କଳାକାରଙ୍କ ପରିଚୟ ସୃଷ୍ଟି କରୁଛି। ତେଣୁ ଏହି ଉତ୍ସବକୁ ନିରନ୍ତର ଭାବେ କିପରି କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ।


ଓଡ଼ିଆ ସିନେ ତାରକା ସୁବାଶିଷ ଶର୍ମା।


ଗଞ୍ଜାମର ପଶୁ ନୃତ୍ୟ।



ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବଲାଙ୍ଗୀରର କଳାକାରମାନେ ନଟରାଜ ନୃତ୍ୟ ପରିବେଷଣ କରୁଛନ୍ତି।


ମହୋତ୍ସବ ଅବସରରେ ଚଟ୍‌ପଟି ଖାଦ୍ୟ ଷ୍ଟଲରେ ଭିଡ଼।


ଜଣେ ଶିଳ୍ପୀ ଚିତ୍ର ଆଙ୍କୁଛନ୍ତି।

# 'ତାଳିଠାରୁ ଗାଳି ମୂଲ୍ୟବାନ'



**ଧରିତ୍ରୀ ଆଳାପ**

ମଲ୍ ମଲ୍ ଖିଲେ ବିଜିଳି ରାଣୀରୁ ନିଜ ସଙ୍ଗୀତ କ୍ୟାରିୟର ଆରମ୍ଭ କରିଥିବା ଝଶକେତନ୍ ଓରଫ ମଣ୍ଟୁ ଛୁରିଆଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା। ଗୋଟିଏ ପରେ ଗୋଟିଏ ହିଟ୍ ଗୀତ ଗାଇ ଲୋକଙ୍କୁ କିମିଆ କରୁଥିବା ମଣ୍ଟୁ ଛୁରିଆ ବର୍ତ୍ତମାନ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରି ଖୁବ୍ କମ୍ ଦିନ ମଧ୍ୟରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି। ତେବେ ସମ୍ବଲପୁରିଆ ବାବୁ... ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମଣ୍ଟୁ ଛୁରିଆ ପ୍ରକାଶ କରିଛନ୍ତି। ନିଜ କକା ବାପି ସିଂ ଓ କ୍ଷୀରୋଦ ବାଗଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସଙ୍ଗୀତ ଦୁନିଆରେ ପାଦ ଥାପିଥିଲେ ବି କମ୍ ବୟସରେ ଏତେ ସଫଳତା ପାଇବେ ବୋଲି ସେ କେବେ ବି ଭାବିପାରି ନ ଥିଲେ। ତଥାପି ଓଡ଼ିଆ ମ୍ୟୁଜିକ୍‌କୁ ନେଇ ସେ କିଛି ଅଧିକ କରିବାକୁ ମନ ବଳାଇଛନ୍ତି। ସମ୍ବଲପୁର ଜିଲା ରେଙ୍ଗାଲିର ସାଲଡ ଗାଁରେ ୧୯୯୭ ଅଗଷ୍ଟ ୭ରେ ଜନ୍ମଗ୍ରହଣ କରିଥିବା ମଣ୍ଟୁ ଛୁରିଆ ପ୍ରଥମେ ସଂକୀର୍ତ୍ତନରେ ନିଜକୁ ସାମିଲ କରିଥିଲେ। ପରେ କକାଙ୍କ ପ୍ରେରଣା ଓ ଗୁରୁ ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିକଟରେ ବର୍ଷକ ପାଇଁ ସଙ୍ଗୀତ ଶିଖି ସେ ଆଗକୁ ବଢ଼ିଥିଲେ। 'ଧରିତ୍ରୀ' ଆଳାପରେ ଏହି ଚର୍ଚ୍ଚିତ କଣ୍ଠଶିଳ୍ପୀଙ୍କ ସମ୍ପର୍କରେ କିଛି କଥା...।

### କେବେଠାରୁ ସଙ୍ଗୀତର ସାଥୀ?

ପିଲା ଦିନରୁ ସଙ୍ଗୀତ ସହ ଯୋଡ଼ି ହୋଇଥିଲି। ଯଦିଓ ମୁଖ୍ୟ ସ୍ରୋତରେ ନ ଥିଲି ତଥାପି ଗାଁ ସଂକୀର୍ତ୍ତନରୁ ହିଁ ଆରମ୍ଭ କରିଥିଲି ସଙ୍ଗୀତର ସାରେଗାମା। ଗତ ୬ ବର୍ଷ ହେବ ମୁଖ୍ୟ ସ୍ରୋତରେ ସାମିଲ ହେବା ଓ ଲୋକମାନେ ମତେ ଗ୍ରହଣ କରିଥିବାରୁ ସେମାନଙ୍କ ନିକଟରେ ଋଣୀ।

### ସଫଳତା ପଛର ପ୍ରେରଣା?

କକାଙ୍କ ନିକଟରୁ ପ୍ରେରଣା ପାଇ ସଙ୍ଗୀତ ଦୁନିଆକୁ ଆସିଛି। ସେ ହେଉଛନ୍ତି ମୋର ପ୍ରଥମ ଗୁରୁ। ଏଥିସହ ପରିବାର ଓ ଆତ୍ମୀୟମାନଙ୍କ ସମର୍ଥନ ହିଁ ଆଜି ସଙ୍ଗୀତ କ୍ଷେତ୍ରରେ ମୋତେ ପ୍ରତିଷ୍ଠା ଦେଇପାରିଛି।

### କେତେଜଣଙ୍କୁ ନେଇ ଗ୍ରୁପ୍ କରିଛନ୍ତି?

ଏବେ ୨୦ ଜଣ ମୋ ଗ୍ରୁପ୍‌ର ସଦସ୍ୟ। ସଙ୍ଗୀତ ଦୁନିଆରେ ସେମାନେ ମୋର ମାର୍ଗଦର୍ଶକ। ଆମେ ସମସ୍ତେ ପରିବାର ଭଳି ଚଳୁଛୁ। ସେମାନଙ୍କୁ ବାଦ୍‌ଦେଇ ମଣ୍ଟୁର ପରିଚୟ ନାହିଁ।

### ଆଲବମ୍ ଜଗତ ପୁନର୍ଜୀବିତ ହେଉଛି କି?

ଓଡ଼ିଆ ଆଲବମ୍‌ର କେବେ ମୃତ୍ୟୁ ହୋଇନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୁଲ ଧାରଣା ରହିଛି। ଯୁବପିଢ଼ି ଏବେ ଆଲବମ୍‌କୁ ଗ୍ରହଣ କରୁଛନ୍ତି। ମ୍ୟୁଜିକ୍‌ରେ ନୂଆ ଟେକ୍ନୋଲୋଜି ଓ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର ଏବେ ଆଲବମ୍ ଦୁନିଆ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟିକରିଛି। ବର୍ତ୍ତମାନର ଯୁବପିଢ଼ି ବଲିଉଡ ଛାଡ଼ି ଓଡ଼ିଆ ସଙ୍ଗୀତ ଶୁଣୁଥିବାରୁ ଏହାର ଚାହିଦା ବଢ଼ିଛି।

### ପଶ୍ଚିମ ଓଡ଼ିଶା ସହ ଓଲିଉଡ୍‌ରେ ଫ୍ରଣ୍ଟଫୁଟ୍‌କୁ ଟକ୍କର, କେତେ କଷ୍ଟକର ଥିଲା?

ସଙ୍ଗୀତ କ୍ଷେତ୍ରରେ ପ୍ରତ୍ୟେକଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଅନ୍ୟମାନଙ୍କ ଆଗରେ ମଣ୍ଟୁ ଛୁରିଆ ଜଣେ ଶିଶୁ। ତେଣୁ ପ୍ରତିଯୋଗିତାର ପ୍ରଶ୍ନ ଉଠୁନି। ସେମାନେ ମତେ ଗଢ଼ିବେ। ସଙ୍ଗୀତ ଉପରେ ଧ୍ୟାନ ଦେବା ବ୍ୟତୀତ ଅନ୍ୟକିଛି ଭାବେନି। ଦର୍ଶକମାନେ ମତେ ଗ୍ରହଣ କରିବାରୁ ସେହି ସ୍ୱତନ୍ତ୍ର ପରିଚୟ ପାଇପାରିଛି।

### ମଣ୍ଟୁ ଛୁରିଆଙ୍କ ପସନ୍ଦର କଣ୍ଠଶିଳ୍ପୀ କିଏ?

ଓଲିଉଡ୍‌ରେ ଅସୀମା ପଣ୍ଡା ଓ ହ୍ୟୁମାନ ସାଗର, ବଲିଉଡ୍‌ରେ ସୁନିଧି ଚୌହାନ୍ ଓ ନେହା କକ୍କଡ ମୋର ଫେଭରାଇଟ୍। ଅସୀମା ମ୍ୟାଡାମ୍‌ଙ୍କ ସହ କାମ କରିଛି। ଭବିଷ୍ୟତରେ ସୁଯୋଗ ମିଳିଲେ ସୁନିଧି ଚୌହାନ୍ ଓ ନେହା କକ୍କଡଙ୍କ ସହ ଗୀତ ବୋଲିବାର ଇଚ୍ଛା ରଖିଛି।

### ଗାଳି ନା ତାଳି କାହାକୁ ପ୍ରାଧାନ୍ୟ ଦିଅନ୍ତି?

ତାଳି ଶୁଭିଲେ ଶ୍ରୋତା ଗ୍ରହଣ କରିଥିବା ହୃଦ୍‌ବୋଧ ହୋଇଥାଏ। କିନ୍ତୁ ଗାଳି ତାହାଠାରୁ ମଧ ମୂଲ୍ୟବାନ। କାରଣ ଏହା ତ୍ରୁଟି ସଂଶୋଧନ କରିବାକୁ ଚେତାଇ ଦେଇଥାଏ।

### ନୂଆ କଣ୍ଠଶିଳ୍ପୀଙ୍କ ପାଇଁ କିଛି କହିବେ?

ସଙ୍ଗୀତ ଦୁନିଆରେ ନୂଆକରି ପାଦ ଦେଉଥିବା ସମସ୍ତଙ୍କୁ ସ୍ୱାଗତ କରିବି। ଦର୍ଶକଙ୍କୁ ଅନୁରୋଧ ସେମାନଙ୍କୁ ଉତ୍ସାହିତ କରନ୍ତୁ। ଏହାଦ୍ୱାରା ଯୁବପିଢ଼ି ଏ କ୍ଷେତ୍ରରେ ନିଶ୍ଚିତ ଆଗକୁ ବଢ଼ିବେ।

**ରିପୋର୍ଟ- ଅମିତ କୁମାର ସାମଲ, ଅନୁଗୋଳ**

# ଯୋଗ, ପ୍ରାଣାୟାମ ଶିବିର


ପତଞ୍ଜଳି ଯୋଗ ସମିତି ଦ୍ୱାରା ଆୟୋଜିତ ଯୋଗ, ପ୍ରାଣାୟାମ ଶିବିର।

**ଅନୁଗୋଳ ଅଫିସ୍, ୧୨।୨**

ଅନୁଗୋଳ ଜିଲା ମହୋତ୍ସବରେ ପତଞ୍ଜଳି ଯୋଗ ସମିତି ଦ୍ୱାରା ଦୁଇ ଦିନିଆ ଯୋଗ, ପ୍ରାଣାୟାମ ଶିବିରର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ସଂସ୍କୃତି ଅଧିକାରୀ ଜଗଦୀଶ ରାଏ ଉଦ୍‌ଘାଟନ କରିଥିଲେ। ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ଅଭୟ ରାୟ ଯୋଗଦେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଯୋଗ ଓ ପ୍ରାଣାୟାମର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ପାଠପଢ଼ା ସହିତ ପ୍ରତ୍ୟହ ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଜାରି ରଖିଲେ ସ୍ମରଣ ଶକ୍ତି ବୃଦ୍ଧି ପାଇବା ସହ ପାଠରେ ଏକାଗ୍ରତା ରହିବ ବୋଲି ଜିଲା ପ୍ରଭାରୀ ରାୟ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଏହାଛଡ଼ା ବିଭିନ୍ନ ପ୍ରାଣାୟାମର ବିଧି ଓ ଏହାର ଉପାଦେୟତା ସମ୍ପର୍କରେ ସେ ଅବଗତ କରିଥିଲେ। ପତଞ୍ଜଳି ଯୋଗ ସମିତିର ସଦସ୍ୟ ଅମୀୟ କର, ସଞ୍ଜୀବ ନାୟକ, ଜ୍ୟୋସ୍ନାରାଣୀ ସାହୁ, ସୁଷମା ବେହେରା, ପ୍ରମୋଦ ପ୍ରଧାନ, ବୀରବର ସାହୁ, ରାମକୃଷ୍ଣ ତ୍ରିପାଠୀ, ସଞ୍ଜୟ ପ୍ରଧାନ ଓ ଅସିତ ଦାସ ପ୍ରମୁଖ ସହାୟତା କରିଥିଲେ।


ଯୋଗ ଶିବିରରେ ଛାତ୍ରୀଛାତ୍ରମାନେ।

## 'କବିର ଲେଖା ସମାଜରେ ସୁଧାର ଆଣିଥାଏ'

**ଅନୁଗୋଳ ଅଫିସ୍, ୧୨।୨**

ଅନୁଗୋଳ ଜିଲା ମହୋତ୍ସବ ଅବସରରେ ବୁଧବାର ପୂର୍ବାହ୍ନରେ ଜିଲା ସାହିତ୍ୟ ସଂସଦ ଦ୍ୱାରା ଜିଲା ପରିଷଦ ସମ୍ମିଳନୀ ଗୃହରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, କବି ହେଉଛି ସ୍ରଷ୍ଟା। ତା'ର ହୃଦୟ ନିର୍ମଳ ହୋଇଥିବାରୁ ସେ କଲମ ମୁନରେ ନିଜ ସୃଜନଶୀଳତାର ପରିପ୍ରକାଶ ମାଧ୍ୟମରେ ସମାଜର ମଙ୍ଗଳ କରିଥାଏ। କବିର ଲେଖା ସବୁବେଳେ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ସମାଜରେ ସୁଧାର ଆଣିବାରେ ସହାୟକ ହୋଇଥାଏ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଜିଲା ସାହିତ୍ୟ ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାଶ ଅଧ୍ୟକ୍ଷତା କରି ଆଧୁନିକ ଓ ଯୁଗୋପଯୋଗୀ କବିତା ସହ ବେଦ, ଉପନିଷେଦ ପାଠ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ସର ସଭାପତିତ୍ୱ କରିଥିଲେ। ନୋଡାଲ ଅଫିସର ତଥା ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ ଏହାକୁ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସଂସ୍କୃତି ଅଧିକାରୀ ଜଗଦୀଶ ରାଏଙ୍କ ସମେତ ଅନୁଗୋଳ ଓ ଢେଙ୍କାନାଳର ବିଭିନ୍ନ ଅଞ୍ଚଳରୁ ୩୨ ଜଣ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ କୁଳମଣି ମେହେର ଓ ଲିପିକା ମହାପାତ୍ର ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିପ୍ଳବୀ କବି ରବି ସିଂହଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମାର୍ଚ୍ଚ ୧୫ରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

**ଢେଙ୍କାନାଳ ଅଫିସ,୧୨।୨**

ଢେଙ୍କାନାଳ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ପରିଷଦ ଓ କାର୍ଯ୍ୟନିର୍ବାହୀ ସମିତି କର୍ମକର୍ତ୍ତାଙ୍କ ମିଳିତ ବୈଠକ ମଙ୍ଗଳବାର ଜିଲା ଲେଖକ ସଂସଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ଯମେଶ୍ୱର ପୃଷ୍ଟି ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଗଙ୍ଗାଧର ମିଶ୍ରଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ମାର୍ଚ୍ଚ ୧୫ରେ ଅନୁଷ୍ଠାନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଯାଏ ଜିଲା ଲେଖକ ସଂସଦ ପରିସରରେ ନିର୍ବାଚନ କାର୍ଯ୍ୟ ସମ୍ପନ୍ନ ହେବ। ଉପଦେଷ୍ଟା ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇବେ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଉପଦେଷ୍ଟା ପରିଷଦ ଏବଂ କାର୍ଯ୍ୟନିର୍ବାହୀ ସମିତି ପଦବୀ ପାଇଁ ସମ୍ଭାବ୍ୟ ତାଲିକା ପ୍ରସ୍ତୁତ କରାଯାଇ ଏହାକୁ ପରବର୍ତ୍ତୀ ସଭାରେ ଅନୁମୋଦନ ପାଇଁ ଆଲୋଚନା କରାଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର ପ୍ରତିଷ୍ଠା ଲାଗି ଏମ୍‌ପିଙ୍କୁ ସାକ୍ଷାତ୍ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି। ନିର୍ବାଚନ ଯାଏ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥୀ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ। ଉପଦେଷ୍ଟା ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ପ୍ରମୋଦ ମିଶ୍ର, ସାଧାରଣ ସମ୍ପାଦକ ବସନ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କୃଷ୍ଣମୋହନ ସାହୁ, ଭ୍ରମରବର ଦଳେଇ, ପୂର୍ଣ୍ଣଚନ୍ଦ୍ର ଶତପଥୀ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ କେଶବ ବେହେରା, ଡ. ନିଳନ କୁମାରୀ ମିଶ୍ର, ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ଧାରଣା


ଚାଷୀମାନେ ଧାରଣାରେ ବସିଛନ୍ତି।

- ମୁକ୍ତାପଶି ସେବା ସମବାୟ ସମିତିରେ ଉତ୍ତେଜନା
- ଟୋକନଧାରୀଙ୍କୁ ପାତରଅନ୍ତର ଅଭିଯୋଗ
- ୩ଦିନ ମଣ୍ଡି ଖୋଲିବାକୁ ଅଧିକାରୀଙ୍କ ପରାମର୍ଶ

**ପରଜଙ୍ଗ, ୧୨।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁକ୍ତାପଶି ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ଧାନ କିଣାରେ ଟୋକନଧାରୀଙ୍କୁ ପାତରଅନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାର ଶତାଧିକ ଚାଷୀ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ମୁକ୍ତାପଶି, ଜୟପୁରାକାଟେଣୀ, ପଥରଖମ୍ବ ପଞ୍ଚାୟତର ଚାଷୀମାନେ ମୁକ୍ତାପଶି ସେବା ସମବାୟ ସମିତି ଅଧୀନରେ ଧାନ ବିକ୍ରି କରୁଛନ୍ତି। ହେଲେ ସମ୍ପୃକ୍ତ ପଞ୍ଚାୟତର ୬୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନ କ୍ରୟ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ୫ ଓ ୬ ତାରିଖରେ ବର୍ଷା ହେଉଥିବା ସତ୍ତ୍ୱେ ଟୋକନ ପାଇଥିବା ସମ୍ପୃକ୍ତ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। ହେଲେ ମିଲରଙ୍କ ଦେଖାମିଳୁନାହିଁ। ଧାନ ମଣ୍ଡିରେ ପଡ଼ିରହିଛି।

ଅନ୍ୟପଟେ ପୂର୍ବରୁ ଧାନ ଆଣିଥିବା ଚାଷୀଙ୍କ ପରିବର୍ତ୍ତେ ନୂଆ ଚାଷୀଙ୍କଠାରୁ ଧାନ କିଣାଯାଉଛି। ଏହାକୁ ନେଇ ଧାରଣାରତ ଚାଷୀମାନେ ନାରାବାଜି କରିଥିଲେ। ସେମାନେ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଚାଲାଣ କରାଇ ଦେଇ ନ ଥିଲେ।

ସୂଚନା ପାଇ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ବାଦ୍ ପଡ଼ିଥିବା ଚାଷୀଙ୍କୁ ଚିହ୍ନଟ କରି ପୁନର୍ବାର ଟୋକନ ଦେବା ସହ ୨ଦିନ ବଦଳରେ ୩ଦିନ ମଣ୍ଡି ଖୋଲିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ତର୍ଯ୍ୟାମୀ ସାହୁ, ଧ୍ରୁବ ସେନାପତି, ଭଗବାନ ସାହୁ, ଉତ୍ସବ ସାହୁ, ପ୍ରତାପ ସାହୁ, କୀର୍ତ୍ତନ ଦେହୁରୀ, ଦେବରାଜ ନାୟକ, ସନ୍ତୋଷ ସାହୁ ପ୍ରମୁଖ ବହୁ ଚାଷୀ ଧାରଣା ଦେଇଥିଲେ।







# କଲେଜ ବିକାଶ ପାଇଁ ଅଣ୍ଟାଭିଡ଼ିଲେ ପୁରାତନ ଛାତ୍ରୀ


ବୈଠକରେ ଉପସ୍ଥିତ ଛାତ୍ରୀମାନେ।

**ଭୁବନ,୧୨।୨(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ମହିଳା ମହାବିଦ୍ୟାଳୟର ବିକାଶ ପାଇଁ ଅଣ୍ଟା ଭିଡ଼ିଛନ୍ତି ପୁରାତନ ଛାତ୍ରୀ। ଏହାକୁ ନେଇ ମଙ୍ଗଳବାର କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ପ୍ରଶାନ୍ତ କୁମାର ରାଉତରାୟ ଆଲୁମ୍‌ନି କମିଟି ଗଠନ ସମ୍ପର୍କରେ ଅବଗତ କରାଇଥିଲେ। ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀ ଯୋଗଦେଇ ଶିକ୍ଷାନୁଷ୍ଠାନର ବିକାଶ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ତ ପୁରାତନ ଛାତ୍ରୀଙ୍କୁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଛାତ୍ରୀ ରାମେଶ୍ୱରୀ ଗୁରୁଙ୍କୁ ସଂଯୋଜିକା ଦାୟିତ୍ୱ ପ୍ରଦାନ କରାଯାଇଛି। ଅଧ୍ୟାପିକା ନମିତା ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




